## ସଂକ୍ଷେପରେ

ଅନ୍ତର୍ଜାତୀୟ ସମ୍ମିଳନୀରେ ଭାଗନେବେ ଆଇଟିଆଇ ଛାତ୍ର

### ବ୍ରହ୍ମପୁର ଆଇଟିଆଇର ଜଣେ ଶିକ୍ଷକ, ୩ ଛାତ୍ର ମନୋନୀତ

**ବ୍ରହ୍ମପୁର ଅଫିସ,୨୫ା୯:** ପ୍ରଥମ ଥର ପାଇଁ ଆନ୍ତର୍ଜାତୀୟ ସମ୍ମିଳନୀରେ ଭାଗନେବେ ଆଇଟିଆଇ ଛାତ୍ର। ନଭେମ୍ବର ୨୭ ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା 'ସଷ୍ଟେନେବଲ ୱେଷ୍ଟ ମ୍ୟାନେଜମେଣ୍ଟ ଟୁୱାର୍ଡସ ସର୍କୁଲାର ଇକୋନୋମୀ' ଶୀର୍ଷକ ୯ମ ଆନ୍ତର୍ଜାତୀୟ ସମ୍ମିଳନୀରେ ବ୍ରହ୍ମପୁର ଆଇଟିଆଇ ଭାଗନେବାକୁ ମନୋନୀତ ହୋଇଛି। ଏଥିପାଇଁ ବ୍ରହ୍ମପୁର ଆଇଟିଆଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜଣେ ଶିକ୍ଷକ ଓ ୩ ଜଣ ଛାତ୍ର ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ

**ଭାରତରେ ପ୍ରଥମ**

ଆଇଟିଆଇ ଶିକ୍ଷକ ଗୟାଚାନ୍ଦ ସାହୁଙ୍କ ସହ ଛାତ୍ର ଜିବୁଲ ନିଶା, ସୁବାଶିଷ ପଣ୍ଡା ଓ ଶ୍ରୀନୁ ରାଓ ପ୍ରମୁଖ ରହିଛନ୍ତି। ସ୍କ୍ରାପ୍ ସାମଗ୍ରୀର ପୁନଃ ବିନିଯୋଗ ସହ ଏକାଧିକ ବୃହତ ମଡେଲ ପ୍ରସ୍ତୁତ କରି ଦେଶ ଓ ବିଶ୍ୱରେ ଏହି ଆଇଟିଆଇ ପ୍ରସିଦ୍ଧି ଲାଭ କରିଛି। ଏହି ପରିପ୍ରେକ୍ଷିରେ ବ୍ରହ୍ମପୁର ଆଇଟିଆଇକୁ ଆନ୍ତର୍ଜାତୀୟ ସମ୍ମିଳନୀରେ ଭାଗନେବାର ସୁଯୋଗ ମିଳିଛି। ଏଥିରେ ୨୬ ଦେଶର ୮୦୦ ବରିଷ୍ଠ ବିଶେଷଜ୍ଞ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଏହି ସମ୍ମିଳନୀରେ ଆଇଆଇଟି, ଆଇଜର, ରିସର୍ଚ୍ଚ ସ୍କଲାରଙ୍କୁ ଭାଗନେବାର ସୁଯୋଗ ମିଳୁଥିବା ବେଳେ ଭାରତରେ ପ୍ରଥମ ଥର ପାଇଁ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ଏଥିରେ ସୁଯୋଗ ଦିଆଯାଇଥିବା ଅଧକ୍ଷ କହିଛନ୍ତି। ଏହି ସମ୍ମିଳନୀରେ ଶିକ୍ଷକ ଓ ଛାତ୍ରମାନେ ସ୍କ୍ରାପ୍ ସାମଗ୍ରୀର ସଦୁପଯୋଗ ଉପରେ ସମ୍ମିଳନୀରେ ବକ୍ତବ୍ୟ ଉପସ୍ଥାପନ କରିବେ ବୋଲି ସେ ସୂଚାଇଛନ୍ତି।

### ଗଞ୍ଜାମ ବାର୍‌ର ସାଧାରଣ ପରିଷଦ ବୈଠକ

**ବ୍ରହ୍ମପୁର ଅଫିସ,୨୫ା୯:** ଗଞ୍ଜାମ ଓକିଲ ସଂଘ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ସଭାପତି ରବୀନ୍ଦ୍ର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସମ୍ପାଦକ କୈଳାସ ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ ଓ ଯୁଗ୍ମ ସମ୍ପାଦକ କିରଣ ମଣ୍ଡଳ ମଞ୍ଚାସୀନ ଥିଲେ। ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ହେଲା ଆନ୍ଦୋଳନ ଚାଲିଛି। ଏପରିକି ପ୍ରତ୍ୟେକ ମାସ ଶେଷ ୪ ଦିନ ଆଇନଜୀବୀମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ଭାଗ ନେଉଛନ୍ତି। ଏହାକୁ ଆଗାମୀ ଦିନରେ ଆହୁରି ତୀବ୍ରତର କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇ ଏହାକୁ ଅଧିକ କ୍ଷମତା ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ଏହା ସହିତ ଓକିଲମାନଙ୍କ ସୁରକ୍ଷା ଓ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ବସନ୍ତ ପଣ୍ଡା, ମୋହନ ସିଙ୍ଗାର, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପୀତବାସ ପଣ୍ଡା, ପ୍ରଦୀପ ପଣ୍ଡା, ସୀତାଂଶୁ ପଣ୍ଡା, ସଞ୍ଜୟ ମିଶ୍ର, ଅକ୍ଷୟ ପଟ୍ଟନାୟକ, ହୀରକ ରଥ, ବରୁଣ ଗୌଡ଼ ଓ ପ୍ରଦୀପ ବେହେରାଙ୍କ ସମେତ ବହୁ ଆଇନଜୀବୀ ଅଂଶଗ୍ରହଣ କରିଥିଲେ।

### ଦୀନଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ୍,୨୫ା୯:** ସ୍ଥାନୀୟ ଗାନ୍ଧୀନଗର ଭାଜପା ଜିଲା କାର୍ଯ୍ୟାଳୟରେ ବୁଧବାର ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟଙ୍କ ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଉପସ୍ଥିତ ରହି ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ନିଜ ଜୀବନକୁ ବଳିଦାନ ଦେଇ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଜନସଂଘ ସମୟରୁ ଦେଶରେ ମୂଳଦୁଆ ପକାଇଥିଲେ। ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ସାହୁ, ପ୍ରବୀର ପାତ୍ର, ଶିଶିର ଦାସ, ସୁନିଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶିବ ଶତପଥୀ, ରିଙ୍କୁ ସାମଲ, ବିଜୟ ପଣ୍ଡା, ବିକାଶ ପାଣିଗ୍ରାହୀ, ଉମାଶଙ୍କର ପଣ୍ଡା, ସୁମନ ଶତପଥୀ, ସୁନିଲ ପାତ୍ର, ଟୁଲୁ ମହାରଣା, ଗୌରୀ ମହାନ୍ତି, ସନ୍ତୋଷ ପାଣିଗ୍ରାହୀ, ଶିବ ମହାରଣା ଓ ସୂର୍ଯ୍ୟ ନାହାକ ପ୍ରମୁଖ ଉପସ୍ଥିତ ଥିଲେ। କର୍ମୀମାନେ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

■ ହଳଦିଆପଦର ବସ୍‌ଷ୍ଟାଣ୍ଡ: ୨ରୁ କାର୍ଯ୍ୟକ୍ଷମ

# ନିୟମ ଉଲ୍ଲଂଘନକାରୀଙ୍କୁ ଜଗିବ ସିସି କ୍ୟାମେରା

ଛତ୍ରପୁର,୨୫ା୯(ଡି.ଏନ.ଏ)


ବୈଠକରେ ଜିଲାପାଳ ସୂଚନା ଦେଉଛନ୍ତି।

■ ୪ ସ୍ଥାନରେ ଘରୋଇ ବସ୍ ଷ୍ଟପେଜ୍
■ ସିଟି ବସ୍‌ରେ ଲାଗିବ ଜିପିଏସ୍

ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ବସଷ୍ଟାଣ୍ଡ ଅକ୍ଟୋବର ୨ ତାରିଖଠାରୁ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଆବଶ୍ୟକୀୟ ବୈଷୟିକ କାମ ସରିଛି। ବୁଧବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଓଏସ୍ଆର୍‌ଟିସି ଓ ଅନ୍ୟ ରାଜ୍ୟକୁ ଯାଉଥିବା ଘରୋଇ ବସ୍ ହଳଦିଆପଦର ବସଷ୍ଟାଣ୍ଡକୁ ଯିବ। ଅନ୍ୟପକ୍ଷରେ ଓଡ଼ିଶା ତଥା ଗଞ୍ଜାମ ଜିଲାର ଘରୋଇ ବସ୍‌ଗୁଡ଼ିକ ପୂର୍ବ ଭଳି ରୁଟ୍‌ରେ ଚାଲିବ। ତେବେ ଏଗୁଡ଼ିକର ରହଣିସ୍ଥଳ (ଷ୍ଟପେଜ) କମ୍ କରାଯାଇଛି। ବ୍ରହ୍ମପୁରରେ କେବଳ ୪ଟି ଷ୍ଟପେଜ ଯଥା ହରିଡାଖଣ୍ଡି ଧୋବାବନ୍ଧ ରୋଡ୍ ଛକ, କର୍ପୋରେଶନ ରୋଡ୍, ଇଞ୍ଜିନିୟରିଂ କଲେଜ ଓ ବଡ ମେଡିକାଲ ଛକ ରହିଛି। ସିଟି ହସ୍ପିଟାଲ, କୋର୍ଟପେଟା ଆଦି ଛକରେ ୨ ତାରିଖରୁ ଆଉ ଘରୋଇ ବସ୍‌ଗୁଡ଼ିକ ରହିବନି କି ଯାତ୍ରୀ ଉଠାଇପାରିବେନି। ସିଟି ବସ୍‌ଗୁଡ଼ିକ ପାଇଁ ଉକ୍ତ ଷ୍ଟପେଜ୍ ନିୟମ ଲାଗୁ କରାଯାଇନି। ହଳଦିଆପଦରରୁ ବ୍ରହ୍ମପୁରକୁ ସଟଲ୍ ବ୍ୟବସ୍ଥା ଆରମ୍ଭ ହେବ। ଏକ ମାସ ଧରି ପରୀକ୍ଷାମୂଳକ ଭାବେ ଏହା ଚାଲିବ। ସମସ୍ତ ସିଟି ବସରେ ଜିପିଏସ୍ ଲାଗିବ। ସିଟି ବସଷ୍ଟାଣ୍ଡର ଉନ୍ନତୀକରଣ ପାଇଁ ୭୯ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାସ୍ତା ଉପରେ ଗାଡି ପାର୍କିଂ ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ଲଗାଯାଇଥିବା ଜିଲାପାଳ କହିଛନ୍ତି। ନିୟମ ଉଲ୍ଲଂଘନ କଲେ ଜରିମାନା ଦେବାକୁ ପଡ଼ିବ। ବ୍ରହ୍ମପୁର ସହରରେ ଟ୍ରାଫିକ ବ୍ୟବସ୍ଥା ସୁଦୃଢ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବସ ଓ ବିଭିନ୍ନ ଯାନ ଉପରେ ୧୪୦ ସିସି କ୍ୟାମେରା ୨୮ ସ୍ଥାନରେ ଜଗିବ। ପୂର୍ବରୁ ୫ଟି ସ୍ଥାନରେ ୪୦ ସିସି କ୍ୟାମେରା ଲାଗିଛି। ଆହୁରି ୨୩ ସ୍ଥାନରେ ୧୦୦ ସିସି କ୍ୟାମେରା ଲାଗିବ ବୋଲି ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ମହାଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି। ସହରକୁ ଜବରଦଖଲ ମୁକ୍ତ କରାଯିବ। ଆଉ ୩ ସ୍ଥାନରେ ଭେଣ୍ଡିଂ ଜୋନ୍ କରାଯିବ। ପାର୍କିଂ ବ୍ୟବସ୍ଥା କରି ସହରରେ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୦୦ ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ୍ ଜାରି କରାଯାଇଛି। ସେମାନେ ପାର୍କିଂ ବ୍ୟବସ୍ଥା କରିବେ ବୋଲି ଜିଲାପାଳ କହିଛନ୍ତି। ବୁଲା ଗୋରୁଙ୍କୁ ଉଠାଇବା ବ୍ୟବସ୍ଥା ବ୍ରହ୍ମପୁର ସହରରେ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଜାତୀୟ ରାଜପଥ, ଛତ୍ରପୁର ଓ ଗୋପାଳପୁର ଏନଏସିରେ ଏହା ତ୍ୱରାନ୍ୱିତ ହେବ। ପରେ ଆସିକା, ଭଞ୍ଜନଗର, ହିଞ୍ଜିଳି ଆଦି ଅଞ୍ଚଳରେ ରାସ୍ତାରୁ ବୁଲା ଗୋରୁ ଉଠାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଗଞ୍ଜାମ ଆର୍‌ଟିଓ ସଞ୍ଜୟ ବିଶ୍ୱାଳ ଓ ଏନ୍ଏଚଏଆଇ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

## ଉଦ୍ଭିଦ ବିଜ୍ଞାନ ବିଭାଗ ପାଠଚକ୍ର

ବ୍ରହ୍ମପୁର ଅଫିସ୍,୨୫ା୯

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଏକ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। 'ନର୍ମାଲ୍ ମାଇକ୍ରୋଫ୍ଲୋରା ଆଣ୍ଡ ହ୍ୟୁମନ୍ ହେଲ୍‌ଥ' ଶୀର୍ଷକରେ ଆୟୋଜିତ ପାଠଚକ୍ରରେ ଅଧକ୍ଷା ପ୍ରମିଳା ଖାଡ଼ଙ୍ଗା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡ. ସରିତା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ମାନ୍ନା ମାଲିଆନ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପାଠଚକ୍ରରେ ବିଭିନ୍ନ ପ୍ରକାର ଜୀବାଣୁ ଓ ମନୁଷ୍ୟ ଶରୀରରେ ସେଗୁଡ଼ିକର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପାଠଚକ୍ରରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ଉପସ୍ଥିତ ଥିଲେ। ପାଠଚକ୍ର ଛାତ୍ର ସମ୍ପାଦକ ଅକ୍ଷୟ ରଥ ବିଭାଗର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ସେବା ଦିବସରେ ଚାରାରୋପଣ



ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

ବ୍ରହ୍ମପୁର ଅଫିସ୍,୨୫ା୯

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ୫୦ତମ ଜୟନ୍ତୀ ଉପଲକ୍ଷେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ବୃକ୍ଷ ହିଁ ଜୀବନ' ମହତ୍ୱକୁ ସଫଳ କରିବା ପାଇଁ ଏନ୍ଏସ୍ଏସ୍ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କ୍ୟାମ୍ପସ୍‌କୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେଇଥିଲେ। ଲଗାଣ ବର୍ଷା ହେଉଥିଲେ ମଧ୍ୟ ଏହା ସ୍ୱେଚ୍ଛାସେବୀମାନଙ୍କ ମନ ଦୃଢ଼ତାକୁ ଭାଙ୍ଗି ପାରି ନ ଥିଲା। ଅଧକ୍ଷା ଡ. ଉତ୍ତମା ଜେନା, ସେବା ଦିବସର ଗୁରୁତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ ସମାଜରେ ଏକ ସକାରାତ୍ମକ ବାର୍ତ୍ତା ଆଣିବ ବୋଲି ଏନ୍ଏସ୍ଏସ୍ ସଂଯୋଜିକା ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ପ୍ରକାଶ କରିଥିଲେ। ଏନଏସ୍ଏସ୍ ଦିବସର ଶୁଭେଚ୍ଛା ଜଣାଇବା ସହ ଚାରାରୋପଣର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏନ୍ଏସ୍ଏସ୍ ସଂଯୋଜକ ଡ. ପ୍ରଭାତ କୁମାର ସାହୁ, ମହେନ୍ଦ୍ର କୁମାର ବେହେରା, ନିତୁରଞ୍ଜନ ଦାଶ, ରତ୍ନାକର ପଳେଇ ଏବଂ ବେଦ ପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ୮ ବର୍ଷ ଜେଲ, ଜରିମାନା

ବ୍ରହ୍ମପୁର ଅଫିସ,୨୫ା୯

ଏକ ହତ୍ୟା ମାମଲାର ଶୁଣାଣି କରି ଜିଲା ଦୌରା ଜଜ୍ ବିଭୁ ପ୍ରସାଦ ରାଉତରାୟ ଅଭିଯୁକ୍ତ ଜାଗିଲି ଓରଫ ସୁଶାନ୍ତ ସେଠୀଙ୍କୁ ୮ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡରେ ଦଣ୍ଡିତ ହେବେ ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୬ ଜାନୁୟାରୀ ୧୯ରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ଏକ ଭୋଜିରେ ଖାଦ୍ୟ ପରିବେଷଣକୁ କେନ୍ଦ୍ରକରି ଗୁରୁ ସେଠୀଙ୍କୁ ଠେଙ୍ଗାରେ ସୁଶାନ୍ତ ଆକ୍ରମଣ କରିଥିଲେ। ଗୁରୁଙ୍କୁ ପ୍ରଥମେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଗୁରୁଙ୍କ ବାପା ଉତ୍ସବ ସେଠୀ ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୯/୧୬ରେ ମାମଲା ରୁଜୁକରି ସୁଶାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ଦିଗପହଣ୍ଡି ତତ୍କାଳୀନ ଥାନାଧିକାରୀ ଆଦିତ୍ୟ ସେଠୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ବୁଧବାର ମାମଲାର ବିଚାର ବେଳେ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ଉପଯୁକ୍ତ ପ୍ରମାଣ ମିଳିବାରୁ ଜିଲା ଜଜ ଅଭିଯୁକ୍ତ ସୁଶାନ୍ତଙ୍କୁ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

## ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୨୫ା୯

ଏକ ଆକ୍ରମଣ ମାମଲାର ଶୁଣାଣି କରି ଏସିଜେଏମ୍ ସରୋଜ କୁମାର ଦାସ ପ୍ରମାଣ ମିଳିବାରୁ ଅଭିଯୁକ୍ତ ଲଣ୍ଡା ବେହେରାଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୫ ଶହ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୫ ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ୨୦୧୮ ଜୁନ ୨୫ ରେ ଗୋଳନ୍ଥରା ଥାନା ତେରପେଣ୍ଠ ଗ୍ରାମର ତୋଫାନ ବେହେରା କୌଣସି କାମରେ ଯାଉଥିବା ବେଳେ ତାଙ୍କୁ କେଲୁଆପଲି ଛକରେ ଲଣ୍ଡା ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ତୋଫାନଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତୋଫାନଙ୍କ ମା' ରୂପା ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ନମ୍ବର ୧୧୬/୧୮ରେ ଲଣ୍ଡା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବ ଶତ୍ରୁତାରୁ ତୋଫାନଙ୍କୁ ଏଭଳି ଆକ୍ରମଣ କରାଯାଇଥିଲା ବୋଲି ପୋଲିସ କହିଥିଲା। ବୁଧବାର ବିଚାର ବେଳେ ୧୫ ସାକ୍ଷୀଙ୍କ ବୟାନକୁ ଆଧାର କରି ଏସିଜେଏମ୍ ଅଭିଯୁକ୍ତ ଲଣ୍ଡା ବେହେରାଙ୍କୁ ଉପରୋକ୍ତ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି।

### ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ପଠାଇ ଶିକ୍ଷକ ଗିରଫ

ବ୍ରହ୍ମପୁର ଅଫିସ,୨୫ା୯

ଛାତ୍ରୀଙ୍କୁ ଅଶ୍ଳୀଳ ଫଟୋ ପଠାଇ ଜଣେ ଶିକ୍ଷକ ଗିରଫ ହୋଇଛନ୍ତି। ସେ ହେଲେ ପ୍ରିୟ ରଞ୍ଜନ ପାଣିଗ୍ରାହୀ ଓ ତାଙ୍କ ଘର ଗୋଷାଣୀନୂଆଗାଁ ବୋଲି ଗୋଷାଣୀନୂଆଗାଁ ଥାନାଧିକାରୀ ସୁମିତ ସୋରେନ କହିଛନ୍ତି। ମାମଲା ନଂ.୯୫/୧୯ରୁଜୁ କରାଯାଇଥିବା ବେଳେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୋରେନ୍ କହିଛନ୍ତି। ଶିକ୍ଷକଙ୍କ ଠାରୁ ଏକ ଲ୍ୟାପ୍‌ଟପ୍ ଜବତ କରି ଘଟଣାର ତଦନ୍ତ କରୁଥିବା ପୋଲିସ କହିଛି। ସେ ବିଜ୍ଞାନ ଶିକ୍ଷକ ବୋଲି ଜଣାପଡ଼ିଛି।

## ନିଶାସକ୍ତ ଚାଳକଙ୍କ ମଧ୍ୟରେ କୋକୁଆ ଭୟ

ବ୍ରହ୍ମପୁର ଅଫିସ,୨୫ା୯

**ନୂତନ ଟ୍ରାଫିକ ନିୟମ**

ନୂଆ ଟ୍ରାଫିକ ନିୟମ ଲାଗୁ ହେବା ପରେ ଚାରିଆଡେ ଚେକିଂ କରାଯାଉଛି। ଅନ୍ୟପଟେ ରାଜପଥରେ ନିଶାସକ୍ତ ଗାଡି ଚାଳକଙ୍କୁ ସାବାଡ଼ କରିବା ପାଇଁ ପୋଲିସ ଧରପଗଡ ଜୋରଦାର ହେବା ପରେ ବହୁ ମଦ ଦୋକାନ ଏବେ ଖାଁ ଖାଁ ହୋଇପଡିଥିବା ଦେଖିବାକୁ ମିଳିଛି। କେବଳ ରାଜପଥ କଡ଼ କାହିଁକି ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ସ୍ଥାନରେ ଥିବା ମଦ ଦୋକାନ ଆଗ ଖାଲିପଡିଛି। ସଡକ ଦୁର୍ଘଟଣା ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନେବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ର ସରକାର ମୋଟରଯାନ ଆଇନରେ ସଂଶୋଧନ ଆଣି ଗାଡି ଚାଳକଙ୍କ ଲାଗି ଯେଉଁ ଜରିମାନା ଏବଂ ଦଣ୍ଡ ବ୍ୟବସ୍ଥା କରିଛନ୍ତି ସେଥିରେ ଗାଡିଚାଳକମାନେ ଭୟଭୀତ ହୋଇପଡିଛନ୍ତି। ବିଶେଷକରି ସନ୍ଧ୍ୟା ହେଲେ ପୋଲିସ ନିଶାସକ୍ତ ଗାଡି ଚଳକଙ୍କ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରୁଛି। ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚଳାଇ ବ୍ରେଥ୍ ଆନାଲାଜରରେ ଧରାପଡିଲେ ସେମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରୁଛି। ସେମାନଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଉଛି। ଜରିମାନା ନ ଦେଲେ ସେମାନଙ୍କ ନାଁରେ ମାମଲା ରୁଜୁ ହେଉଛି। ବାରମ୍ବାର ଧରାପଡିଲେ ଜରିମାନା ବଢିବା ସହିତ ଅଧିକ ଦଣ୍ଡ ବିଧାନ ଏବଂ ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବାର ଯେଉଁ ଆଇନଗତ ପ୍ରାବଧାନ ରହିଛି ସେଥିରେ ଗାଡି ଚଳକମାନେ ମଦ ପିଇବାକୁ ଭୟ କରୁଛନ୍ତି। ସେହିପରି ଗତ ୨୧ ଦିନ ମଧ୍ୟରେ ଜିଲାରେ ସଡକ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବା ସହିତ ଦୁର୍ଘଟଣା ଜନିତ ମୃତ୍ୟୁ ବି କମିଛି। ଏଥି ଯୋଗୁ ଚଳିତ ମାସର ବୁଧବାର ସୁଦ୍ଧା ବିଭିନ୍ନ ଅପରାଧ ସଂଖ୍ୟା ମଧ ହ୍ରାସ ପାଇଥିବା ଜଣାପଡିଛି।

## ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ

ବ୍ରହ୍ମପୁର ଅଫିସ, ୨୫ା୯

ବ୍ରହ୍ମପୁର ଲାଞ୍ଜିପଲ୍ଲୀ ମୁନିସିପାଲ କଲୋନୀ ଦିବ୍ୟଜୀବନ ସଂଘ ମହିଳା ଶାଖା ପରିସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୩ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଭୋରରୁ ଧ୍ୟାନ, ପୂଜାର୍ଚ୍ଚନା ସହ ନଗର ପରିକ୍ରମା କରାଯାଇଥିଲା। ଏହି ଅବସରରେ ଶ୍ରୀନିବାସ ପାତ୍ରଙ୍କ ତତ୍ତ୍ୱାବଧାନରେ ନବଦିନ ବ୍ୟାପୀ ଚାଲିଥିବା ଶ୍ରୀରାମଚରିତ ମାନସ କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଥିଲା। ଆଶ୍ରମ ପକ୍ଷରୁ ରାମନଗର ଓ ଆଙ୍କୁଲିସ୍ଥିତ ଶିବାନନ୍ଦ ଶିଶୁ ମନ୍ଦିର ପିଲାମାନଙ୍କୁ ପାଠ୍ୟପୁସ୍ତକ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉତ୍ସବ ପାଳନ ଉପଲକ୍ଷେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ୧୨୦୦ ରୋଗୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଅଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅରୁଣ କୁମାର ଦାଶଙ୍କ ସମେତ ସଂଘ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶ, ଶାନ୍ତିଭୂଷଣ ପଣ୍ଡା, ରୀନା ପାଢୀ, ଶାରଦା ଦାଶ ଓ ମାମି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟକ୍ତି ବିଶେଷ।

■ ଆଜିଠୁ ଡାକ ବିଭାଗ ସର୍ବଭାରତୀୟ ଭାରୋତ୍ତୋଳନ

# ଶକ୍ତି ଉତ୍ତୋଳନ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ୍,୨୫ା୯


ବ୍ରହ୍ମପୁରରେ ପହଞ୍ଚିଥିବା ଦିଲ୍ଲୀର ଖେଳାଳିମାନେ।

**ଭାଗନେବେ ୧୮ ରାଜ୍ୟର ୧୩୦ ଖେଳାଳି**

ଡାକ ବିଭାଗର ୩୫ତମ ସର୍ବଭାରତୀୟ ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଗୁରୁବାରରୁ ବ୍ରହ୍ମପୁରରେ ଆରମ୍ଭ ହେବାକୁ ଯାଉଛି। ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ଆସନ୍ତା ୨୯ରେ ଉଦ୍‌ଯାପିତ ହେବ। ପ୍ରତିଯୋଗିତାରେ ୧୮ରାଜ୍ୟରୁ ୧୩୦ ଖେଳାଳି ଭାଗନେବେ। ବ୍ରହ୍ମପୁର ଡାକମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ସର୍କଲ୍ ମୁଖ୍ୟ ମହାଡାକପାଳ ସନ୍ତୋଷ କୁମାର କାମିଲା, ବ୍ରହ୍ମପୁର ମଣ୍ଡଳ ମହାଡାକପାଳ ଜେନେରାଲ୍ କର୍ଣ୍ଣେଲ ଜଳେଶ୍ୱର କହଁର, ନିର୍ଦ୍ଦେଶକ ଡାକସେବା(ମୁଖ୍ୟାଳୟ) ଜି.ଗୁରୁନାଥନ୍ ଏବଂ ନିର୍ଦ୍ଦେଶକ ଡାକ(ଲେଖା) ପି.କେ. ଦାଶ ପ୍ରମୁଖ ସୂଚନା ଦେଇଛନ୍ତି।

ଆୟୋଜକଙ୍କ ତରଫରୁ କୁହାଯାଇଛି, ଭାରତୀୟ ଡାକ ବିଭାଗ ପ୍ରତିବର୍ଷ କର୍ମଚାରୀଙ୍କ ଅନ୍ତର୍ନିହିତ ଖେଳକୁଦ ଗୁଣର ପରିପ୍ରକାଶ ପାଇଁ ପ୍ରତିଯୋଗିତା ଆୟୋଜନ କରିଥାଏ। ଏହି କ୍ରମରେ ଓଡ଼ିଶା ଡାକ ପରିମଣ୍ଡଳକୁ ଚଳିତ ବର୍ଷ ସର୍ବଭାରତୀୟ ପ୍ରତିଯୋଗିତା ଆୟୋଜନ ଦାୟିତ୍ୱ ମିଳିଛି। ବ୍ରହ୍ମପୁର ସହର ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଭାରୋତ୍ତୋଳନ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୋଗୁ ଏଠାରେ ପ୍ରତିଯୋଗତା ପାଇଁ ନିଷ୍ପତ୍ତି ନିଆଯାଇଛି। ସର୍ବଭାରତୀୟ ତଥା ରାଜ୍ୟସ୍ତରୀୟ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯିବ। ଏହାକୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ଏକ ସ୍ୱତନ୍ତ୍ର ସ୍ମାରକୀ ଡାକ ଲଫାପା ଉନ୍ମୋଚିତ ହେବ। ଗୁରୁବାର ନୂଆଦିଲ୍ଲୀ ଡାକସେବା ବୋର୍ଡ଼ ସଦସ୍ୟ(କାର୍ମିକ) ପ୍ରଦୀପ୍ତ କୁମାର ବିଷୋୟୀ ଏହାକୁ ଉଦ୍‌ଘାଟନ କରିବେ। ୨୯ତାରିଖ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ 'ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପଦଚିହ୍ନ ମଧୁମନ୍ଦିର ବ୍ରହ୍ମପୁର' ଉପରେ ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟପଟେ ବୁଧବାରରୁ ହିଁ ବିଭିନ୍ନ ରାଜ୍ୟର ଖେଳାଳିମାନେ ବ୍ରହ୍ମପୁରରେ ପହଞ୍ଚିବା ଆରମ୍ଭ କରିଛନ୍ତି। ଦିଲ୍ଲୀ ଏବଂ ତାମିଲନାଡ଼ୁରୁ ଖେଳାଳିମାନେ ବୁଧବାର ଏଠାରେ ପହଞ୍ଚିଛନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ୨୬ ସେପ୍ଟେମ୍ବର, ୨୦୧୯



# ସଂକ୍ଷେପରେ

## ଗୁଆରେ ବୁଡ଼ି ଶିଶୁ ମୃତ



ଦାରିଙ୍ଗବାଡ଼ି,୨୫।୯(ଡି.ଏନ.ଏ.): ଦାରିଙ୍ଗବାଡ଼ି ବ୍ଲକ ସିଆଙ୍ଗବାଲି ପଞ୍ଚାୟତ କାକାମାହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଚୁଆ ପାଣିରେ ବୁଡି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, କାକାମାହା ଗ୍ରାମର ରସାନ୍ତ ପ୍ରଧାନଙ୍କ ଏକମାତ୍ର ପୁଅ ବାଦଲ (୫)ପରିବାର ଲୋକଙ୍କ ସହ ନିଜ ଚଣା ପଦରକୁ ଯାଇଥିଲେ। ବାପା ଏବଂ ମା' ଚଣା ଖୋଲୁଥିବାବେଳେ ନିକଟରେ ଥିବା ବାଦଲଙ୍କ ଗୋଡ଼ କାଦୁଅ ହୋଇଥିବାରୁ ନିକଟସ୍ଥ ଚୁଆକୁ ଧୋଇବାକୁ ଯାଇଥିଲେ। ଫେରିବା ବିଳମ୍ବ ହେବାରୁ ବାପା ରସାନ୍ତ ଚୁଆ ନିକଟକୁ ଯାଇ ପୁଅକୁ ଦେଖିବାକୁ ପାଇ ନ ଥିଲେ। ପାଣିରେ ବୁଡ଼ି ଯାଇଥିବା ଆଶଙ୍କା କରି ପାଣିକୁ ପଶି ଖୋଜାଖୋଜି କରିଥିଲେ। ସେଠାରୁ ବାଦଲଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ଦାରିଙ୍ଗବାଡ଼ି ଥାନାରେ ଜଣାଇଛନ୍ତି। ତହସିଲଦାର ନୀତିଶ ତ୍ରିପାଠୀ ତଦନ୍ତ ପାଇଁ ଜଣକୁ ପଠାଇଥିବା କହିଛନ୍ତି।

## ଦାରିଙ୍ଗବାଡି ବ୍ଲକ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଚିନ୍ତାରେ ଗାଡ଼ି ଚାଳକ

ଦାରିଙ୍ଗବାଡ଼ି,୨୫।୯(ଡି.ଏନ.ଏ): ସଂଶୋଧିତ ମୋଟରଯାନ ଆଇନ ୨୦୧୯ରେ ଜରିମାନା ବୃଦ୍ଧିକୁ ନେଇ ଚିନ୍ତାରେ ସମସ୍ତ ପ୍ରକାର ଗାଡ଼ି ମାଲିକ। ଏହାକୁ ନେଇ ଅଧିକ ଅସୁବିଧା ଭୋଗୁଛନ୍ତି ଦୁର୍ଗମ ଅଞ୍ଚଳର ଗାଡି ଚାଳକ। ଏପରିକି ଘରୋଇ ବସ ମାଲିକ ଜରିମାନା ଭୟରେ ଗାଡ଼ି ଚଳାଚଳ ବନ୍ଦ କରିଦେଇଛନ୍ତି। ଫଳରେ ଦାରିଙ୍ଗବାଡ଼ିଠାରୁ ବ୍ରାହ୍ମଣୀଗାଁ ଭଳି ଦୁର୍ଗମ ଅଞ୍ଚଳକୁ ଯାତାୟାତ ପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି। ଦାରିଙ୍ଗବାଡ଼ି ଅଞ୍ଚଳର ବହୁ ଗାଡି ମାଲିକଙ୍କର ଅନ୍ୟାନ୍ୟ କାଗଜପତ୍ର ଥିଲେ ମଧ୍ୟ ପଲ୍ୟୁଶନ ସାର୍ଟିଫିକେଟ ନାହିଁ। କେବଳ ଫୁଲବାଣୀରେ ଏହା ହେଉଥିବାରୁ ଦାରିଙ୍ଗବାଡି ଭଳି ଦୁର୍ଗମ ଅଞ୍ଚଳରୁ ଲୋକେ ଯାଇ ଲମ୍ବା ଧାଡ଼ିରେ ଛିଡା ହୋଇ ରହୁଛନ୍ତି। ଭଞ୍ଜନଗର, ବ୍ରହ୍ମପୁରରେ ମଧ୍ୟ ଏହି ପ୍ରମାଣପତ୍ର ମିଳୁଛି। କେତେଜଣ ଗାଡ଼ି ମାଲିକ ଯାଇ ପ୍ରମାଣପତ୍ର ଯୋଗାଡ଼ କରିଥିଲେ ସୁଦ୍ଧା ବହୁ ମାଲିକ ଏହା କରିପାରିନାହାନ୍ତି। ଦାରିଙ୍ଗବାଡ଼ିଠାରେ ଏହି ପ୍ରମାଣପତ୍ର ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦାରିଙ୍ଗବାଡ଼ି ବ୍ଲକର ୨୫ ପଞ୍ଚାୟତରେ ହଜାର ସଂଖ୍ୟାରେ ବାଇକ ଅଟୋ ରହିଛି। ବହୁ ଅଟୋ ଚାଳକ ଫୁଲବାଣୀ କିମ୍ବା ଭଞ୍ଜନଗର ଗାଡି ନେଇ ଯାଇ ପ୍ରମାଣପତ୍ର ଯୋଗାଡ଼ କରିବା ମୁସ୍କିଲ ବୋଲି କହିଛନ୍ତି। ଏନେଇ କନ୍ଧମାଳ ଏମ୍‌ଭିଆଇ ଗତିକୃଷ୍ଣ ସାମନ୍ତରାୟଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏହି ସମସ୍ୟାକୁ ସ୍ୱୀକାର କରିବା ସହ ଦାରିଙ୍ଗବାଡ଼ିର ପେଟ୍ରୋଲ ଟାଙ୍କି ମାଲିକ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ କରିବାକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଆଉ ଆସି ନାହାନ୍ତି। ସେ ଯଦି ଏହା ନକରନ୍ତି ତେବେ ଦାରିଙ୍ଗବାଡ଼ି ଅଞ୍ଚଳର ଯେ କେହି ବି ଏହି ଲାଇସନ୍ସ ନେଇ ପ୍ରଦୂଷଣ ଟେଷ୍ଟ କରି ପ୍ରମାଣପତ୍ର ଦେଇପାରିବେ ବୋଲି କହିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଘଟଣା, ଜେଲ ଗଲେ ଶିକ୍ଷକ



ଦାରିଙ୍ଗବାଡ଼ି,୨୫।୯(ଡି.ଏନ.ଏ): ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ଟ୍ୟୁଶନ ଶିକ୍ଷକ ତାଙ୍କ ପାଖକୁ ପଢିବାକୁ ଆସିଥିବା ଜଣେ ନାବାଳିକା ଛାତ୍ରୀ(ସପ୍ତମ ଶ୍ରେଣୀ)ଙ୍କୁ ଅସଦାଚରଣ କରିଥିବା ସୋମବାର ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କୁ ପୋକ୍‌ସୋ ଆକ୍ଟ ସହ ଏସ୍‌ସିଏସ୍‌ଟି ଆକ୍ଟରେ ପୋଲିସ ଗିରଫ କରିଥିବାବେଳେ ଫୁଲବାଣୀ ପୋକ୍‌ସୋ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଛି ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ନଂ.୯୬/୧୯ରେ ମାମଲା କରାଯାଇ ଜଣେ ଡିଏସ୍‌ପି ଏହାର ତଦନ୍ତ କରୁଥିଲେ। ପ୍ରକାଶ ଯେ, ଶୁକ୍ରବାର ସକାଳେ ଛାତ୍ରୀ ଜଣକ ପ୍ରଶାନ୍ତଙ୍କ ପାଖକୁ ଟ୍ୟୁଶନ ପାଇଁ ଯାଇଥିଲେ। ଏକ କୋଠରିକୁ ଡାକି ନେଇ ପ୍ରଶାନ୍ତ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ଘରକୁ ଫେରିଆସି ସମସ୍ତ ଘଟଣା ମା'ଙ୍କୁ କହିଥିଲେ। ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

# ଅବ୍ୟବସ୍ଥାରେ ଦଣ୍ଡିମାହା ଅଙ୍ଗନୱାଡି କେନ୍ଦ୍ର

ଦାରିଙ୍ଗବାଡ଼ି,୨୫।୯(ଡି.ଏନ.ଏ.)

- ପାନୀୟଜଳ, ରୋଷେଇ ଘର ଅଭାବ
- ବିପଦସଙ୍କୁଳ କୋଠାରେ ଚାଲିଛି ଶିକ୍ଷାଦାନ
- ଦୁଇଟି କେନ୍ଦ୍ର ଗୋଟିଏ ଛାତ ତଳେ



ବିପଦସଙ୍କୁଳ ଅଙ୍ଗନୱାଡ଼ିକେନ୍ଦ୍ରରେ ଶିଶୁଙ୍କୁ ଶିକ୍ଷା ଦାନ କରାଯାଉଛି।

ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଅଙ୍ଗନାୱାଡି କେନ୍ଦ୍ର ଖୋଲିଛନ୍ତି। ଏଠାରେ ମାଗଣା ଛତୁଆ, ପୋଷାକ, ପାଠ୍ୟଉପକଣ ଯୋଗାଇ ଦିଆଯାଉଛି। ଏଥିସହ ମାଗଣା ସ୍ୱାସ୍ଥ୍ୟପରୀକ୍ଷା ସହ ଶିଶୁଙ୍କ ପାଇଁ ଖେଳନ ଆଦି ସରକାର ଯୋଗାଇ ଦେଉଛନ୍ତି। ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ପକ୍କାଘର ନଥିବାରୁ ଅନେକ ଅଙ୍ଗନାୱାଡ଼ି କେନ୍ଦ୍ରରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଭଳି ଦେଖିବାକୁ ମିଳିଛି ଶ୍ରାନିକେତା ପଞ୍ଚାୟତ ଦଣ୍ଡିମାହା ଗ୍ରାମରେଥିବା ଅଙ୍ଗନାୱାଡ଼ି କେନ୍ଦ୍ର ଏବଂ ସିର୍ସାମାହାଠାରେ ଥିବା ମିନି ଅଙ୍ଗନାୱାଡ଼ିକେନ୍ଦ୍ରରେ। ସିର୍ସାମାହା କେନ୍ଦ୍ରର ନିଜସ୍ୱ କୋଠା ନଥିବାରୁ ଦଣ୍ଡିମାହା କେନ୍ଦ୍ରରେ ମିଳିତ ଭାବେ ଶିଶୁଙ୍କୁ ଦୁଇ କେନ୍ଦ୍ରର ଅଙ୍ଗନାୱାଡ଼ି କର୍ମୀ ଶିକ୍ଷାଦାନ କରୁଛନ୍ତି। ୧୯୯୬ ମସିହାରେ ତତ୍କାଳ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ନାଗାର୍ଜ୍ଜୁନ ପ୍ରଧାନ ଦଣ୍ଡିମାହାଠାରେ ଅଙ୍ଗନାୱାଡ଼ି କେନ୍ଦ୍ରର ନୂତନ କୋଠା ଉଦ୍‌ଘାଟନ କରିଥିଲେ। ଏବେ ଏହା ବିପଦସଙ୍କୁଳ ଅବସ୍ଥାକୁ ଆସିଗଲାଣି। ବର୍ଷାଦିନେ ଆଜବେଷ୍ଟସ ଛପରରୁ ପାଣି ଗଳୁଛି। ଏଠାରେ ଉକ୍ତ କେନ୍ଦ୍ରର ୨୨ ଏବଂ ସିର୍ସାମାହା କେନ୍ଦ୍ରର ୬ଜଣ ଶିଶୁ ଏକାଠି ପଢୁଛନ୍ତି। ପିଇବା ପାଣି ସମେତ ରୋଷେଇ ଶାଳ, ବିଦ୍ୟୁତ୍ ସଂଯୋଗ ନାହିଁ। ପ୍ରଶାସନ ଦଣ୍ଡିମାହା ପାଇଁ ଏକ ନୂତନ କୋଠା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ସୂଚନା ଯୋଗ୍ୟଯେ, ଦାରିଙ୍ଗବାଡ଼ି ବ୍ଲକରେ ମୋଟ ୨୫ ପଞ୍ଚାୟତରେ ୭୧ଟି ମିନି ଅଙ୍ଗନାୱାଡ଼ି କେନ୍ଦ୍ର ମିଶି ମୋଟ ୩୪୫ଟି କେନ୍ଦ୍ର ରହିଛି। ସେଥିରୁ ପ୍ରାୟ ୨୦ଟି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ସିଡିପିଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ୧୪ ନୂତନ କେନ୍ଦ୍ର ନିର୍ମାଣ ଚାଲିଥିବାବେଳେ ଏବେ ଆହୁରି ୫୬ କେନ୍ଦ୍ର ନିର୍ମାଣ ପାଇଁ ଅନୁଦାନ ଆସିଥିବା ସିଡିପିଓ ମିନା ପାତ୍ର କହିଛନ୍ତି। ସେ କହିଛନ୍ତି ଯେ, ତାଲୁଙ୍ଗିଆର ପଅସ ବିଦ୍ୟାଳୟକୁ ସରକାର ବନ୍ଦ କରିଦେବା ପରେ ସେଠାରେ ଅଙ୍ଗନାୱାଡ଼ିକେନ୍ଦ୍ର ନ ଥିବାରୁ ଉକ୍ତ ବିଦ୍ୟାଳୟରେ ଶିଶୁଙ୍କୁ ଶିକ୍ଷାଦାନ କରାଯାଉଛି। ସେହିପରି ଦାରିଙ୍ଗବାଡ଼ି ପଞ୍ଚାୟତ ତୁଡୁକିବାଡ଼ିର ନିଜସ୍ୱ ଜମି ନଥିବାରୁ ଏହାର ଅନୁଦାନକୁ ଡାଇଭର୍ଟ କରିନେଇ ଡଲାବାଡ଼ିଠାରେ କୋଠା ନିର୍ମାଣ କରାଯାଇଛି। ଏଭଳି କିଛି ସ୍ଥାନରେ ପ୍ରଶାସନ ବିଦ୍ୟାଳୟ ବନ୍ଦ କରିବା ପରେ ସେଠାରେ ଅଙ୍ଗନାୱାଡ଼ିକେନ୍ଦ୍ର ଚାଲୁଥିବା ସିଡିପିଓ ମିନା ପାତ୍ର କହିଛନ୍ତି। ସେହିପରି ସିଡିପିଓଙ୍କ କାର୍ଯ୍ୟାଳୟ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ଚତୁର୍ଥଶ୍ରେଣୀ କର୍ମଚାରୀ ଅଭାବ ସାଙ୍ଗକୁ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ଓ ପାନୀୟ ଜଳ ଅଭାବ ରହିଛି।

# ନିଶାସକ୍ତ ଗାଡ଼ି ଚାଳକ ଧରପଗଡ଼ ଜୋର୍‌ଦାର

## ମଦ ଦୋକାନ ନିକଟରେ ଧରପଗଡ଼କୁ ନେଇ ଅସନ୍ତୋଷ

ଦାରିଙ୍ଗବାଡ଼ି,୨୫।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ସହ ନିଶାସକ୍ତ ଗାଡ଼ିଚାଳକଙ୍କୁ ଧରପଗଡ଼ ଜୋରଦାର କରାଯାଉଛି। ଦାରିଙ୍ଗବାଡ଼ି ଥାନାଅଧିକାରୀ କୌଶିକ ମାଝୀଙ୍କ ନେତୃତ୍ୱରେ ପ୍ରତିଦିନ ଏସ୍‌ଆଇ ଅନିଲ କୁମାର ଦେବତ୍ତା, ସୌମ୍ୟରଞ୍ଜନ ଜେନା ବିଭିନ୍ନ ଛକରେ ଯାନବାହନ ଯାଞ୍ଚ କରୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏଭଳି ୩ ଜଣ ନିଶାସକ୍ତ ଗାଡ଼ି ଚାଳକଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ମେଡିକଲ୍ ଟେଷ୍ଟ କରାଇଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି। ତେବେ ସରକାରଙ୍କ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ନିକଟରେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ଏହି ଧରପଗଡ଼କୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖାଯାଇଛି। ମଦ ପିଇ ବାହାରିବାବେଳେ ପୋଲିସ ଧରୁଥିବା ଅଭିଯୋଗ ହେଉଛି। ଏନେଇ ଥାନା ଅଧିକାରୀ ମାଝୀ କହିଛନ୍ତି ଯେ, ଯେଉଁମାନେ ମଦ ପିଇ ଚାଲିଚାଲି ଯାଉଛନ୍ତି କିମ୍ବା ନପିଇ ଗାଡ଼ିରେ ନେଇ ଯାଉଛନ୍ତି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯେଉଁମାନେ ନିଶାସକ୍ତ ଅବସ୍ଥାରେ ମଦ ଦୋକାନରୁ ବାହାରି ବାଇକ କିମ୍ବା ଅନ୍ୟାନ୍ୟ ଗାଡ଼ି ଚଳାଉଛନ୍ତି ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ନଚଳାଇବାକୁ ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ସପ୍ତାହକ ମଧ୍ୟରେ ପ୍ରାୟ ୨୦ଜଣ ନିଶାସକ୍ତ ଚାଳକଙ୍କୁ ପୋଲିସ ଧରିଲାଣି।

# ରକ୍ତଦାତା ଭି.ଲୋକନାଥ ସମ୍ମାନିତ



ଲୋକନାଥଙ୍କୁ ସମ୍ମାନିତ କରଯାଉଛି।

ଫୁଲବାଣୀ ଅଫିସ, ୨୫।୯

ଫୁଲବାଣୀର ଯୁବ ରକ୍ତଦାତା ତଥା ପ୍ରୋତ୍ସାହନକାରୀ ଭି.ଲୋକନାଥ ରାଜୁଙ୍କୁ ରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ସମ୍ମାନରେ ସମ୍ମାନିତ କରାଯାଇଛି। ରାଜସ୍ଥାନର ହ୍ୟୁମ୍ୟାନ ସୋସିଆଲ ଫାଉଣ୍ଡେଶନ ଦ୍ୱାରା ହନୁମାନଗଡ ଜଙ୍କଶନସ୍ଥିତ ଜାଟ ଭବନରେ ଆୟୋଜିତ ନ୍ୟାଶନାଲ ଆୱାର୍ଡ ସେରିମନିରେ ଏହି ସମ୍ମାନ ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଦେଶର ବିଭିନ୍ନ ଅଞ୍ଚଳର ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ତଥା ରକ୍ତଦାତାମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଫୁଲବାଣୀ ରକ୍ତଦାନ ସମିତିର ସକ୍ରିୟ ସଦସ୍ୟ ତଥା ରକ୍ତଦାତା ଭି.ଲୋକନାଥ ରାଜୁ ମଧ୍ୟ ସେଠାକୁ ଯାଇଥିଲେ । ଫାଉଣ୍ଡେଶନର ସଭାପତି ଅଭିମନ୍ୟୁ ନାଥାୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାତୀୟ ରକ୍ତ ସଞ୍ଚାରଣ ପରିଷଦର ଡେପୁଟି ଡାଇରେକ୍ଟର ଡା.ସାଇପ୍ରସାଦ, ସମ୍ମାନିତ ଅତିଥି ଭାବେ ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ଡା.ରାମପ୍ରତାପ, ଉପଦେଷ୍ଟା ମହେଶ ଚନ୍ଦ୍ର ତ୍ରିବେଦୀ, ରାଜସ୍ଥାନ ରକ୍ତ ସଞ୍ଚାରଣ ପରିଷଦର ସଭ୍ୟ ସଚିନ ସିଂଘଲ ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଭି.ଲୋକନାଥ ରାଜୁ ୨୦୦୪ ମସିହାରୁ ଫୁଲବାଣୀରେ ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି।

# ୩ ଦଫା ଦାବିରେ କେପିଏଫ୍‌ର ଦସ୍ତଖତ ଅଭିଯାନ



ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଦସ୍ତଖତ କରୁଛନ୍ତି।

ଫୁଲବାଣୀ ଅଫିସ, ୨୫।୯

କନ୍ଧମାଳ ଜିଲାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା, ଜିଲାକୁ ରେଳ ସଂଯୋଗୀକରଣ ଏବଂ ଜିଲାର ସମସ୍ତଙ୍କୁ ସ୍ଥାୟୀ ଘରବାଡି ପଟ୍ଟା ଯୋଗାଇ ଦେବା ଦାବି ନେଇ କନ୍ଧମାଳ ଜିଲା ପିପୁଲସ୍ ଫୋରମ (କେପିଏଫ୍) ପକ୍ଷରୁ ଦସ୍ତଖତ ଅଭିଯାନ ହୋଇଛି। ବୁଧବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମୂହ ଦସ୍ତଖତ ଅଭିଯାନ କରାଯାଇଥିଲା। ଏଥିସହ ଦାବି ସମ୍ପର୍କିତ ଲିଫ୍‌ଲେଟ ବଣ୍ଟାଯାଇଥିଲା। ଫୋରମର ଆବାହକ ସୁନୀଲ ପଟ୍ଟନାୟକ, ସଭାପତି ରାଧାମୋହନ ମହାପାତ୍ରଙ୍କ ସମେତ ଭାଜପା ନେତା ଦେବନାରାୟଣ ପ୍ରଧାନ, ଶ୍ରମିକ ନେତା ଘନ କୁମାର ଶବର, ପିପୁଲସ୍ ଫୋରମର ଉପସଭାପତି ମହମ୍ମଦ ସାକିଲ, ରାମକୃଷ୍ଣ ତ୍ରିପାଠୀ, ମହାଦେବ ସାହୁ, ଦିଲୀପ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ମହିଳା ସଙ୍ଗଠନ, କଲେଜ ଛାତ୍ରୀଛାତ୍ର, ଯୁବକମାନେ ବହୁସଂଖ୍ୟାରେ ଦସ୍ତଖତ କରି ଦାବିକୁ ସମର୍ଥନ କରିଥିଲେ। ସେହିପରି ଦାବି ପୂରଣ ପାଇଁ ପୂର୍ବରୁ ପୋଷ୍ଟକାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପ୍ରଦାନ କରାଯାଇଛି । ଦାବି ପୂରଣ ଯାଏ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିବ ବୋଲି ଫୋରମର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଜି.ଉଦୟଗିରିରେ ପ୍ରବଳ ବର୍ଷା

# ଧାନଚାଷ ପ୍ରଭାବିତ ହେବା ସମ୍ଭାବନା

ଜି.ଉଦୟଗିରି,୨୫।୯(ଡି.ଏନ.ଏ.)

ଜି.ଉଦୟଗିରି ଅଞ୍ଚଳରେ ଗତ ୪ ଦିନ ହେବ ପ୍ରବଳ ବର୍ଷା ଲାଗି ରହିଛି । ସୋମବାର ୨୭ମିମି ବର୍ଷା ହୋଇଥିବା ବେଳେ ମଙ୍ଗଳବାର ୯୪ ମିମି ବର୍ଷା ରେକର୍ଡ କରାଯାଇଛି ବୋଲି ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର କହିଛନ୍ତି। ଝିପିଝିପି ବର୍ଷା ଲାଗି ରହିଥିଲେ ମଧ୍ୟ ଧାନ ଫସଲରେ ମହିଷା ରୋଗ ଓ ପନିପରିବା ଫସଲରେ ପତ୍ରପୋଡ଼ା ରୋଗ ହେବାର ସମ୍ଭାବନା ଅଛି ବୋଲି ସେ କହିଥିଲେ। ତେଣୁ ଚାଷୀମାନେ ଏପରି ରୋଗ ଦେଖିଲେ କୃଷି ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ପରାମର୍ଶ ନେବାକୁ କହିଥିଲେ ।

# ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଜଣେ ଦିବ୍ୟାଙ୍ଗଙ୍କୁ ବିଡିଓ ହ୍ୱିଲ ଚେୟାରରେ ବସାଉଛନ୍ତି।

ଫିରିଙ୍ଗିଆ, ୨୫।୯

ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ଏଥିରେ ବିଡିଓ ପ୍ରବୀଣ କୁମାର ବାଣୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମଧୁବାବୁ ନୂତନ ପେନସନ ଯୋଜନାରେ ୨୯ ବିଧବା, ୨୪ ଦିବ୍ୟାଙ୍ଗ, ୬ ଜଣ ଅବିବାହିତାଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । କେଲାପଡ଼ାର ସୋମନାଥ ବେହେରା, ସ୍ରାଡିମୁଣ୍ଡାର କରୁଣାକର କ୍ଷେତିଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୈତ୍ରୀ ଶତପଥୀ, ଇତିରାଣୀ ପଟ୍ଟନାୟକ, ଆକାଉଣ୍ଟସ୍ ଅଫିସର ଅନୁଗ୍ରହ ସଚିନ ଜାତେ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପିରିକୁଡ଼ିରେ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ, ୨୫।୯



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖଜୁରିପଡା ବ୍ଲକ ପିରିକୁଡି ପଞ୍ଚାୟତ ସଭାଗୃହରେ ସ୍ୱୟଂସହାୟିକା ଗୋଷ୍ଠୀ ମେଳା ଏବଂ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ ତଥା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକ ମହେଶ କୁମାର ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏପିଡି ଫୁଲବାଣୀ ଏସ୍.କେ. ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ ଅଫ ବରୋଦା ସମ୍ବଲପୁର ପରିଚାଳକ (ଏଫଆଇ) ଅରବିନ୍ଦ ବାରା, ଓଡିଶା ଜୀବୀକା ମିଶନର ଅର୍ଥ ନୈତିକ ପରାମର୍ଶଦାତା ଅଭିରାମ ନନ୍ଦ, ଫୁଲବାଣୀ ବିଜୟା ବ୍ୟାଙ୍କ ଶାଖା ପରିଚାଳକ ସୁମେଶ ପ୍ରମୁଖ ଯୋଗଦେଇ ବ୍ୟାଙ୍କରୁ ଋଣ ନେଇ କିପରି ସ୍ୱୟଂ ସହାୟିକା ଗୋଷ୍ଠୀ ଆତ୍ମ ନିର୍ଭରଶୀଳ ହେବେ ତାହା ବୁଝାଇଥିଲେ । ଏଥିସହ ଠିକ୍ ସମୟରେ ଋଣ ପରିଶୋଧ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା । ମୋଟ ୩୫୦ ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଏଥିରେ ଯୋଗ ଦେଇଥିଲେ ।

# ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ଜି.ଉଦୟଗିରି,୨୫।୯(ଡି.ଏନ.ଏ.)

ଜି.ଉଦୟଗିରି ଭାଜପା ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ସେବା ସପ୍ତାହ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇ ନିଜ ନିଜ ଗ୍ରାମ ସ୍ୱଚ୍ଛ ରଖିବା ପାଇଁ ସୋମବାର ସଂକଳ୍ପ ନିଆଯାଇଛି। ଏନେଇ ବିଭିନ୍ନ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନର ବୌଦ୍ଧ ଓ କନ୍ଧମାଳ ଜିଲା ସଂଯୋଜକ ମାନ ଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ କଳିଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ସଂକଳ୍ପ ନେଇ ଗ୍ରାମ ମାନଙ୍କରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସଂଯୋଜକ କହିଛନ୍ତି। ଜି.ଉଦୟଗିରି ଜୋନର ଜିଲା ପରିଷଦ ସଦସ୍ୟ ଅମରସିଂ ନାୟକ, ଏନ୍‌ଏସି ପ୍ରଭାରୀ ମାୟାବନ୍ଧୁ ପ୍ରଧାନ, ବରିଷ୍ଠ ଭାଜପା ନେତା ଉଦେଶନ ପ୍ରଧାନଙ୍କ ସମେତ ଅନେକ ନେତା ଓ କର୍ମୀ ଗ୍ରାମକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପ ନେଇଥିଲେ।



ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ।

# ଏସିଡ୍ ପୀଡ଼ିତାଙ୍କୁ ଆଇନ ସହାୟତା କର୍ମଶାଳା

ଫୁଲବାଣୀ ଅଫିସ, ୨୫।୯



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଏସିଡ୍ ଆକ୍ରମଣର ପୀଡିତାଙ୍କୁ ଆଇନ ସହାୟତା, କ୍ଷତି ପୂରଣ ପ୍ରଦାନ ଆଦି ସମ୍ପର୍କିତ ଏକ ସଚେତନତା କର୍ମଶାଳା ସ୍ଥାନୀୟ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ପାତଳୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ ।

ଏସିଡ୍ ଆକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର ୨୦୧୬ରେ ପ୍ରଣୀତ ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ କରି ସାରିଛନ୍ତି। ଆକ୍ରମଣକାରୀ ବା ଘୃଣ୍ୟ ମାନସିକତା ଥିବା ମଣିଷ ଏହି ଆଇନ ବ୍ୟବସ୍ଥା ବିଷୟରେ ଜାଣିବା ଜରୁରୀ। କାରଣ ଜାଣିଲେ ହିଁ ସେମାନେ ଘୃଣ୍ୟ ମାନସିକତାରୁ ସୁସ୍ଥ ମାନସିକତାକୁ ପରିବର୍ତ୍ତିତ ହୋଇପାରିବେ । ୨୦୧୮ରେ ପ୍ରଣୀତ ଆଇନ ଅନୁଯାୟୀ ପୀଡ଼ିତା ବା ପୀଡ଼ିତଙ୍କ କ୍ଷତିପୂରଣ, ଥଇଥାନ, ଏସିଡ୍ ଆକ୍ରମଣ ଜନିତ ମୃତ୍ୟୁ ପରେ ତାଙ୍କ ପିଲାମାନଙ୍କର ଥଇଥାନ ଇତ୍ୟାଦି ବିଷୟରେ ସମ୍ପାଦିକା ସାହୁ ଆଲୋଚନା କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଏ. କେ. କେରେକେଟା ସବୁଠାରୁ ଅଧିକ ଝିଅ ଓ ମହିଳାମାନେ ଏସିଡ୍ ଆକ୍ରମଣର ଶିକାର ହେଉଛନ୍ତି। ଏହାର ପ୍ରମୁଖ କାରଣ ହେଲା ଏକ ତରଫା ପ୍ରେମ ବୋଲି ନିଜ କହିଥିଲେ। ୧୮ ବର୍ଷରୁ କମ୍ ବୟସର ଝିଅ ନିଜ ଇଚ୍ଛାରେ ବିବାହ କରିବାକୁ ରାଜି ହେଲେ ବି ତାହା ଗ୍ରହଣ କରାଯିବ ନାହିଁ । ବଳାତ୍କାର କେସ୍‌ରେ ତା'ଙ୍କ ପ୍ରେମିକଙ୍କୁ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଏସିଡ୍ ଆକ୍ରାନ୍ତ ପୀଡ଼ିତା ବା ପୀଡ଼ିତଙ୍କୁ ୩ ଲକ୍ଷରୁ ଆରମ୍ଭ କରି ୮ ଲକ୍ଷ ପର୍ଯ୍ୟନ୍ତ କ୍ଷତି ପୂରଣ ଦିଆଯିବା ସହିତ ସରକାରଙ୍କ ତରଫରୁ ସେମାନଙ୍କର ଥଇଥାନ ଓ ଚିକିତ୍ସା ବ୍ୟବସ୍ଥା କରାଯିବା ପ୍ରାବଧାନ ରହିଛି ବୋଲି ମଧ୍ୟ କେରେକେଟା ସୂଚନା ଦେଇଥିଲେ । ସେହିପରି ସ୍ୱତନ୍ତ୍ର ସରକାରୀ ଅଭିଯୋଜକ ଅସୀମ କୁମାର ପ୍ରହରାଜ ଏଥିପାଇଁ ପ୍ରଣୀତ ଆଇନର ବିଭିନ୍ନ ଦିଗ ଉପରେ ସମ୍ୟକ ଧାରଣା ଦେବା ସହିତ ବର୍ତ୍ତମାନର ଦଣ୍ଡ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଏସିଡ୍ ଫୋପାଡ଼ିବା ବା ଫୋପାଡ଼ିବାକୁ ଚେଷ୍ଟା କରିବା ପାଇଁ ଅତି କମ୍‌ରେ ୧୦ ବର୍ଷ ଓ ୫ ବର୍ଷ ଜେଲ୍ ଦଣ୍ଡ ବ୍ୟବସ୍ଥା ରହିଛି ବୋଲି କହିଥିଲେ। ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ପ୍ରଭାତୀ ରଣା, ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍ ପ୍ରଜ୍ଞା ପାରମିତା ମହାନ୍ତି ମଧ୍ୟ ଏସିଡ୍ ଆକ୍ରମଣକୁ ରୋକିବା ପାଇଁ ଆଇନରେ ଥିବା ଦଣ୍ଡ ବ୍ୟବସ୍ଥା, ଏଥିପାଇଁ ଦିଆଯାଉଥିବା କ୍ଷତିପୂରଣ ସହିତ ସାଧାରଣ ଭାବେ ବଞ୍ଚିବା, ରହିବା, ଖାଇବା ଓ ମାଗଣା ଚିକିତ୍ସା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଏ ଦିଗରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦେଇଥିଲେ। ସେହିପରି, ଡା. ସି. ନାରାୟଣ ସୁବୁଦ୍ଧି ଏସିଡ୍ ଆକ୍ରାନ୍ତମାନଙ୍କ ପ୍ରାଥମିକ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଏସିଡ୍ ପଡ଼ିଥିବା ସ୍ଥାନକୁ ୨୦ ମିନିଟ୍ ପର୍ଯ୍ୟନ୍ତ ଥଣ୍ଡା ପାଣିରେ ଧୋଇବା ପାଇଁ ଡା. ସୁବୁଦ୍ଧି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ସହକାରୀ ପ୍ରାଧ୍ୟାପକ ଡ. ସୌଦାମିନି ଚୌଧୁରୀ, ମାଜିଷ୍ଟ୍ରେଟ୍ ପାୟଲ ଗୁପ୍ତା ପ୍ରମୁଖ ଯୋଗ ଦେଇଥିବା ବେଳେ ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ଦିଗାଲ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୁରୁଷୋତ୍ତମପୁରରେ ନୂତନ ବିଡିଓଙ୍କ ଯୋଗଦାନ



**ପୁରୁଷୋତ୍ତମପୁର,୨୫।୯(ଡି.ଏନ.ଏ.):** ପୁରୁଷୋତ୍ତମପୁରରେ ନୂତନ ବିଡିଓ ଭାବେ ସୀମାଞ୍ଚଳ ମହାନ୍ତି ମଙ୍ଗଳବାର ଯୋଗଦେଇଥିଲେ। ବୁଧବାର ସେ ତାଙ୍କର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଲୋକେ ସମସ୍ତ ସରକାରୀ ସୁବିଧା ଯେପରି ଘରେ ରହି ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବି। ଲୋକଙ୍କ ଘରକୁ ଯାଇ ସମସ୍ୟାର ସମାଧାନ କରିବି। ଏ ନେଇ ସଙ୍କଳ୍ପବଦ୍ଧ ବୋଲି କହି ସମସ୍ତଙ୍କ ସହଯୋଗ ଲୋଡିଛନ୍ତି। ପୂର୍ବରୁ ସେ ଗଜପତି ଜିଲା ପାରଳାଖେମୁଣ୍ଡି ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ବିଡିଓ ସତ୍ୟସୁନ୍ଦର ରାଉତଙ୍କର ଆସିକା ବିଡିଓ ଭାବରେ ବଦଳି ହୋଇଛି।

### ଜିଲାପାଳଙ୍କ ବେଗୁନିଆପଡା ବ୍ଲକ ଗସ୍ତ

**ବେଗୁନିଆପଡ଼ା,୨୫।୯(ଡି.ଏନ.ଏ.):** ବେଗୁନିଆପଡ଼ା ସ୍ଥିତ ଖଣ୍ଡିଆନଈ ରାସ୍ତାରେ ବୁଧବାର ନୂତନ ଭାବେ ଖୋଲା ଯାଇଥିବା ଆଇସିଆଇସିଆଇ ବ୍ୟାଙ୍କ ଶାଖା ସହ ନୂତନ ଏଟିଏମ୍‌କୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ପ୍ରଦୀପ କୁମାର ପଣ୍ଡା, କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ଆଇସିଆଇସିଆଇ ଓଡିଶା ଓ ବିହାର ଦାୟିତ୍ୱରେ ଥିବା ଜୋନାଲ ମୁଖ୍ୟ ପ୍ରଦୋଷ କୁମାର ରାଉତ, ଛତ୍ରପୁର ଶାଖା ପରିଚାଳକ ଜିତେନ୍ଦ୍ର ରାଉତ, ସ୍ଥାନୀୟ ଶାଖା ପରିଚାଳକ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ରାଗପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ସ୍କୁଲ ଅବ୍ୟବସ୍ଥା ଓ ଅଧକ୍ଷା ଲକ୍ଷ୍ମୀପ୍ରିୟା ମିଶ୍ର କାର୍ଯ୍ୟରେ ଅବହେଳା କରୁଥିବା ନେଇ ଅଭିଯୋଗ ଶୁଣିବା ପରେ ତାଙ୍କ ସ୍ଥାନରେ ବରିଷ୍ଠ ଶିକ୍ଷକ ରୁଦ୍ର ନାରାୟଣ ରଥଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡାଙ୍କୁ କହିଥିଲେ। ପରେ ବ୍ଲକରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ।

### ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ଆର.ଉଦୟଗିରି,୨୫।୯(ଡି.ଏନ.ଏ.):** ନୂଆଗଡ ଗ୍ରାମର ଲକ୍ଷ୍ମୀନୃସିଂହ ବିଦ୍ୟାପୀଠ ଉଚ୍ଚବିଦ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ ବ୍ରଜକିଶୋର ନାୟକଙ୍କ ଅଧକ୍ଷତାରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅକ୍ଟୋବର ୨ ତାରିଖରେ ଗାନ୍ଧୀଙ୍କ ୧୫୦ତମ ଜନ୍ମଦିବସ ପାଳନ ହେବ। ଉତ୍ସବରେ ୧୩ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମୀନ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଶର୍ମିଷ୍ଠା ପାଲ ଏବଂ ଗୋଷ୍ଠୀ ଶିକ୍ଷାକେନ୍ଦ୍ରର ଏବିଇଓ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ନୂଆଗଡ ହାଇସ୍କୁଲର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତିବ୍ବତୀୟଙ୍କୁ ଦୀର୍ଘ ମିଆଦୀ ଜମି ଲିଜ୍ ଦେଲେ ଆନ୍ଦୋଳନ

**ଚନ୍ଦ୍ରଗିରି,୨୫।୯(ଡି.ଏନ.ଏ.)**



ଚନ୍ଦ୍ରଗିରି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀ ନେତା ଦଣ୍ଡପାଣି ରଇତଙ୍କ ସହ ଅଞ୍ଚଳବାସୀ।

ଗଜପତି ଜିଲା ମୋହନା ଓ ଆର.ଉଦୟଗିରି ତହସିଲ ଅନ୍ତର୍ଗତ ପାଞ୍ଚଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ୬୦ବର୍ଷରୁ ଉର୍ଦ୍ଧ୍ୱ ହେଲା ତିବ୍ବତୀୟମାନେ ଶରଣାର୍ଥୀଭାବେ ରହୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଏହି ଜମିକୁ ୫ବର୍ଷୀୟା ଲିଜ୍‌ରେ ଦିଆଯାଉଛି। ଅବଧି ପୂରଣ ପରେ ପୁଣି ନବୀକରଣ କରାଯାଇଥାଏ ଓ ଏନେଇ ସ୍ଥାନୀୟ ଜନସାଧାରଣଙ୍କ ମତ ନିଆଯାଏ। ୨୦୧୮ରେ ତିବ୍ବତୀୟମାନଙ୍କୁ ଦିଆଯାଇଥିବା ଜମିର ଲିଜ ସମୟ ସରିଛି। ଏବେ ସରକାର ଦୀର୍ଘମିଆଦୀ ଭାବେ ଏହାକୁ ଲିଜ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସ୍ଥାନୀୟ ଆଦିବାସୀମାନେ ବିରୋଧ କରିବା ସହ ଏନେଇ ସର୍ବସାଧାରଣଙ୍କ ପାଇଁ ତହସିଲଦାରଙ୍କ ତରଫରୁ ଦିଆଯାଇଥିବା ବିଜ୍ଞାପନ ସମ୍ପର୍କରେ ଜାଣି ପାରି ନ ଥିବା କହିଛନ୍ତି। ସରକାର ଆଦିବାସୀଙ୍କ ପ୍ରତି ଅନ୍ୟାୟ କରୁଛନ୍ତି ଓ ଆଗାମୀ ଦିନରେ ଏନେଇ ଆନ୍ଦୋଳନ କରାଯିବବୋଲି ରାଜ୍ୟ ଆଦିବାସୀ ନେତା ଦଣ୍ଡପାଣି ରଇତ କହିଛନ୍ତି।

ପ୍ରକାଶ ଯେ, ମୋହନା ତହସିଲ କାର୍ଯ୍ୟାଳୟ ତରଫରୁ ଜିରାଙ୍ଗ ଓ ଲବାରସିଙ୍ଗ ପଞ୍ଚାୟତର ସର୍ବସାଧାରଣଙ୍କ ପାଇଁ ଏକ ନୋଟିସ ଜାରି କରାଯାଇଥିଲା। ଏଥିରେ ତିବ୍ବତୀୟ ଶରଣାର୍ଥୀଙ୍କୁ ଦୀର୍ଘମିଆଦୀ ସୂତ୍ରରେ ଜମି ଲିଜ୍ ଦିଆଯିବ ବୋଲି ଉଲ୍ଲେଖ ରହିଛି। ମାତ୍ର ତିବ୍ବତୀୟ ପୁନର୍ବାସ ନୀତି-୨୦୧୪ ଏବଂ ଓଡିଶା ସରକାରଙ୍କ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗୀୟ କମିଶନରଙ୍କ ପତ୍ରସଂଖ୍ୟା-୩୫୩୮୭ ପ୍ରକାରେ ଏହି ଜମି ଦିଆଯାଉଛି। ତଦନୁଯାୟୀ ଜିଲାପାଳ ଗଜପତି ଏବଂ ତିବ୍ବତୀୟ ଶରଣାର୍ଥୀଙ୍କ ତରଫରୁ କେନ୍ଦ୍ରୀୟ ତିବ୍ବତୀୟ ରିଲିଫ କମିଟିର (ସିଟିଆରସି)ର ପ୍ରତିନିଧି ଚୋନର ସାମ ଦୁପଙ୍କ ମଧ୍ୟରେ ଲିଜ ଚୁକ୍ତିନାମା ସ୍ୱାକ୍ଷରିତ ହେବ। ଏଥିରେ ଯଦି କାହାର କିଛି ଆପତ୍ତି/ଅଭିଯୋଗ ଥାଏ ତେବେ ବିଜ୍ଞାପନ ଜାରି ହେବାର ୩୦ଦିନ ମଧ୍ୟରେ ମୋହନା ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲକଲେ ତାହା ବିଚାରକୁ ନିଆଯିବ। ଏହାର ନକଲ ଜିରାଙ୍ଗ ଓ ଲବାରସିଙ୍ଗ ସରପଞ୍ଚଙ୍କୁ ପଠାଯାଇଥିଲା। କିନ୍ତୁ ଅଭିଯୋଗକାରୀଙ୍କ କହିବା ପ୍ରକାରେ କୌଣସି ଲିଜ ସମ୍ବନ୍ଧୀୟ ସୂଚନା ସେମାନେ ପାଇ ନାହାଁନ୍ତି। ଏନେଇ ସେମାନେ ବିଳମ୍ବରେ ଖବର ଜାଣିବା ବେଳକୁ ବିଜ୍ଞାପନ ପ୍ରକାଶନର ୩ମାସ କୋଡିଏ ଦିନ ବିତିଯାଇଥିଲା। ତେଣୁ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗ କରିପାରିନଥିଲେ। ଗତ ୧୦ ତାରିଖରେ ମୋହନା ତହସିଲଦାର କଲ୍ୟାଣୀ ସଙ୍ଘମିତ୍ରା ଦେବୀଙ୍କୁ ଭେଟି ତିବ୍ବତୀୟ ମାନଙ୍କୁ ଦୀର୍ଘ ମିଆଦୀ ଜମି ଲିଜ ନଦେବାକୁ ଅନୁରୋଧ କରିଛନ୍ତି। ଆଦିବାସୀଙ୍କ କହିବା ପ୍ରକାରେ, ଗଜପତି ଜିଲାପାଳ ବାସୁଦେବ ବାହିନୀପତିଙ୍କ ସମୟରେ ଅଞ୍ଚଳବାସୀଙ୍କୁ ୭୦୫ ଖଣ୍ଡ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। କିନ୍ତୁ ଆଜିପର୍ଯ୍ୟନ୍ତ ଜମି ଚିହ୍ନଟ କରାଯାଉନି। ତିବ୍ବତୀୟମାନଙ୍କୁ ସରକାର କେଉଁ ଜମି ଦେବାକୁ ସ୍ଥିର କରିଛନ୍ତି, ତାହାର ତଥ୍ୟ ଶୁକ୍ରବାର ଦିଆନଗଲେ ଆମେ ଏହାକୁ ବିରୋଧ କରିବୁ। ଏହାସତ୍ତ୍ୱେ ଦୀର୍ଘ ମିଆଦୀ ଜମି ଲିଜ୍ ଦେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଓଡିଶା ରାଜ୍ୟ ଆଦିବାସୀ ମଞ୍ଚର ସଭାପତି ରଇତଙ୍କ ସମେତ ଦାମୋଦର ରଇତ, ଖମ୍ବେଶ୍ୱର ଦଳାଇ, ବାଙ୍କ ନାୟକ ପ୍ରମୁଖ ୧୨ ଖଣ୍ଡ ରାଜସ୍ୱ ଗ୍ରାମର ଲୋକେ ମଙ୍ଗଳବାର ଚନ୍ଦ୍ରଗିରି ଆର୍‌ଆଇ କାର୍ଯ୍ୟାଳୟ ଆସି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ଚନ୍ଦ୍ରଗିରି ଆରଆଇଙ୍କୁ ପଚାରିବାରୁ, ତଫସିଲ ସମ୍ବନ୍ଧୀୟ କପି ତହସିଲଦାରଙ୍କ ଠାରୁ ଆଣି ଶୁକ୍ରବାର ପ୍ରଦାନ କରିବି ବୋଲି କହିଥିଲେ।

ଏ ନେଇ ତହସିଲଦାର କଲ୍ୟାଣୀ ସଙ୍ଘମିତ୍ରା ଦେବୀ କହିଛନ୍ତି, ତିବ୍ବତୀୟମାନଙ୍କୁ ଦୀର୍ଘ ମିଆଦୀ ଜମିଲିଜ ଦେବା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି। ଦୀର୍ଘମିଆଦି ମାନେ କେବଳ ୨୦ ବର୍ଷ। ଆଗରୁ ୫ ବର୍ଷକୁ ଥରେ ନବୀକରଣ ହେଉଥିଲା ଏବେ ତାହା ୨୦ ବର୍ଷରେ ହେବ। ସର୍ବସାଧାରଣ ଏହାକୁ ବୁଝିବା ଜରୁରୀ। ପୂର୍ବରୁ ଯେତିକି ଜମି ଲିଜ୍ ଆକାରରେ ଦିଆଯାଇଛି ସେତିକିର ହିଁ ଲିଜ୍ ନବୀକରଣ କରାଯିବ। ତାଠାରୁ ଗୋଟିଏ ଇଞ୍ଚ ବି ଅଧିକ ଦିଆଯିବ ନାହିଁ। ଲୋକଙ୍କୁ ଜଣାଇବାରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ବିଳମ୍ବ କରିଛନ୍ତି। ତଥାପି ସେମାନଙ୍କ ଅଭିଯୋଗ ଗ୍ରହଣ କରିଛୁ ଓ ଏହାକୁ ସରକାରଙ୍କ ପାଖରେ ପହଞ୍ଚାଯିବ।

## ଟିକା ସହ ମମତା ଯୋଜନାରୁ ବଞ୍ଚିତ ଗର୍ଭବତୀ, ପ୍ରସୂତି

**ହାତୀଓଟ,୨୫।୯**

ଓଡିଶା ସରକାର ରାଜ୍ୟର ସମସ୍ତ ମହିଳାଙ୍କୁ ଶସକ୍ତୀ କରଣ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ପୋଲସରା ବ୍ଲକର ମନ୍ଦାର ଗ୍ରାମପଞ୍ଚାୟତ ପାଇଁ ଏହା ସାତସପନ। ଏହି ଗ୍ରାମ ସହ ମାଳତିବାଡି ଗାଁରେ ୪ ମାସ ହେବ ଏଏନଏମ୍ ଦିଦି ନାହାନ୍ତି। ଫଳରେ ଉକ୍ତ ପଞ୍ଚାୟତରେ ମୋଟ ୨୦ ଜଣ ଗର୍ଭବତୀଙ୍କ ସହ ଚଳିତ ମାସ ଜନ୍ମଗ୍ରହଣ କରିଥିବା ୨୫ କୋମଳମତି ଶିଶୁ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି। ଏଥିସହ ଜନ୍ମ ଦେଇଥିବା ମା' ମାନେ ମମତା କାର୍ଡରୁ ବଞ୍ଚିତ ହୋଇଛନ୍ତି। ମା' ଓ ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ ପାଇଁ ପ୍ରଦାନ କରାଯାଉଥିବା ମମତା ଅର୍ଥରୁ ବଞ୍ଚିତ ହୋଇଛନ୍ତି ବୋଲି ଗ୍ରାମବାସୀଙ୍କ ସହ ସାମାଜିକ କର୍ମୀ ରଘୁନାଥ ପଣ୍ଡା ଅଭିଯୋଗ କରିଛନ୍ତି। ସରକାରଙ୍କ ନିୟମ ପ୍ରକାରେ, ମା' ଓ ଶିଶୁଙ୍କୁ ମାସକୁ ୩ ଥର ଟିକା ନେବାର ବ୍ୟବସ୍ଥା ଅଛି। କିନ୍ତୁ ଏହି ପଞ୍ଚାୟତ ପାଇଁ ଅଲୋଡା ହୋଇପଡ଼ିଛି। ଫଳରେ ମା' ଓ ଶିଶୁମାନେ ଟିକା ଓ ମମତା ଅର୍ଥ, ପୃଷ୍ଟିକର ଖାଦ୍ୟରୁ ବଞ୍ଚିତ ହୋଉଛନ୍ତି। ଏ ନେଇ ପୋଲସରା ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନଥିଲା। ତେଣୁ ଶୀଘ୍ର ଜିଲା ମେଡିକାଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନଦେବା ସହ ଜଣେ ଏଏନ୍‌ଏମ୍ ନିଯୁକ୍ତି ସହ ଟିକା ଓ ମମତା ଖାତା ଖୋଲାଯାଇ ଗର୍ଭବତୀ ଓ ପ୍ରସୂତୀଙ୍କୁ ତୁରନ୍ତ ତାଙ୍କର ପ୍ରାପ୍ୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ଖଲ୍ଲିକୋଟ ବ୍ଲକରେ ସମିତି ବୈଠକ



ସମିତି ବୈଠକରେ ଉପସ୍ଥିତ ଅତିଥିମାନେ।

**ଖଲ୍ଲିକୋଟ,୨୫।୯(ଡି.ଏନ.ଏ.)**

ଖଲ୍ଲିକୋଟ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ ଅଧକ୍ଷା ମିନାକ୍ଷୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ନବକୃଷ୍ଣ ଜେନା, ବ୍ଲକ ଉପାଧକ୍ଷ ଏ. ପ୍ରକାଶ ପାତ୍ର, ଆସିଷ୍ଟାଣ୍ଟ ଇଞ୍ଜିନିୟର ସଚ୍ଚିଦାନନ୍ଦ ଦାଶ ଓ ଛନ୍ଦାଶ୍ରୀ ନାଏକ, ଜିପିଓ କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଇନ୍ଦିରାଆବାସ, ବିଜୁ ପକ୍କାଘର ଆଦି ବିଷୟରେ ଆଲୋଚନା ହୋଇଥିଲା। ଡ଼ିମିରିଆ ସରପଞ୍ଚ ଦୀର୍ଘଦିନ ଦାବି ସତ୍ତ୍ୱେ ଡି.ଗୁହାରିଆପାଟ ଆଦିବାସୀ ଅଧୁଷିତ ଗାଁରେ ସ୍କୁଲ ଗୃହ ନିର୍ମାଣ କାମ ନ ହେବା, ପାଳଧୂଆପଲ୍ଲୀ ଅଙ୍ଗନୱାଡ଼ି କେନ୍ଦ୍ର ୨ ନିର୍ମାଣ, ପାଳଧୁଆପଲି ଗ୍ରାମରେ ନିମ୍ନମାନର ରାସ୍ତା ନିର୍ମାଣ କାମ ହୋଇଥିବା ନେଇ ଅଭିଯୋଗ କରିଥିଲେ। ବାକୁଟଗାଁ ସମିତିସଭ୍ୟ ପଦ୍ମ ସୁବୁଦ୍ଧି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଦାବି କରିଥିଲେ। ସେହିପରି ଖଲ୍ଲିକୋଟ ମେଡିକାଲରେ ଡାକ୍ତର ନ ଥିବାରୁ ବାରମ୍ବାର ଦାବି ସତ୍ତ୍ୱେ ତାହା ପୂରଣ ହେଉ ନ ଥିବା ନେଇ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ସିଡିପିଓ ମମତାରାଣୀ ପାତ୍ର, ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ ପଟ୍ଟନାୟକ, କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପାଠଚକ୍ର, ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଟିକିଟି,୨୫।୯(ଡି.ଏନ.ଏ.)**

ଟିକିଟି କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ବୁଧବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଇତିହାସ ବିଭାଗର ମୁଖ୍ୟ ଡ. ବି ଦେବରାଜ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଦୀପ କୁମାର ପାଢୀ, ସମ୍ମାନିତ ଅତିଥି ଭାବେ ଅନ୍ୟତମ ଅଧ୍ୟାପକ ଆନନ୍ଦ ମହାରଣା ଏବଂ ଓଡ଼ିଆ ବିଭାଗର ଅଧ୍ୟାପକ ଡ.ବିଶ୍ୱନାଥ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ବିଶ୍ୱରେ ଅନ୍ତର୍ଜାତୀୟ ବଜାରରେ ଭାରତର ଆର୍ଥକ ଅଭିବୃଦ୍ଧି କିପରି ହୋଇପାରିବ ତାହା ଆଲୋକପାତ କରିଥିଲେ। ଛାତ୍ରୀ ସରୋଜିନୀ ସାହୁ, ସୁପ୍ରଭା ବେହେରା, ରେଶ୍ମା ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଛାତ୍ର ନିଖିଳା ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ନବାଗତ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ଜଣାଇଥିଲେ।

## 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ ୨୯ରେ

**ଶେରଗଡ଼,୨୫।୯(ଡି.ଏନ.ଏ.)**

ଶେରଗଡ଼ ତହସିଲ ପକ୍ଷରୁ ଆସନ୍ତା ୨୯ରେ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ ଆରମ୍ଭ ହେବ। ଶେରଗଡ଼ ରାଜସ୍ୱ ସର୍କଲର ସମସ୍ତ ପୁରୁଣା କେସ ଫଇସଲା ସହ ଲୋକଙ୍କ ନିକଟରେ ତହସିଲ କାର୍ଯ୍ୟ ପହଞ୍ଚାଇବା ଏହାରର ମୁଖ୍ୟଲକ୍ଷ୍ୟ ବୋଲି କହିଛନ୍ତି ସ୍ଥାନୀୟ ତହସିଲଦାର ଡ. ଦୟାସିନ୍ଧୁ ପରିଡା। ଶେରଗଡ଼ ରାଜସ୍ୱ ସର୍କଲ ଅଧୀନରେ ଥିବା ୧୨ଟି ରାଜସ୍ୱ ଗ୍ରାମର ସମସ୍ତ ଜମିଜମା ଫଇସଲା କରାଯାଇ ପଟ୍ଟା ପ୍ରଦାନ ବ୍ୟବସ୍ଥା କରା ଯିବାକୁ ସ୍ଥିର ହୋଇଛି। ଶେରଗଡ଼ ତିନି ଛକରେ ଥିବା କଳିଙ୍ଗ ବୈଶ୍ୟ ଭବନରେ ଏହା ହେବ। ଏ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ବୁଧବାର ସନ୍ଧ୍ୟାରେ ତହସିଲଦାର ଆର୍‌ଆଇ ମନୋଜ କୁମାର ନାହାକ, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ବ୍ୟବସାୟୀ ଅଶୋକ କୁମାର ପାତ୍ର ପ୍ରମୁଖ ବୈଶ୍ୟ ଭବନରେ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି।



କଳିଙ୍ଗ ବୈଶ୍ୟ ଭବନରେ ତହସିଲଦାର ଓ ଅନ୍ୟମାନେ ଅନୁଧ୍ୟାନ କରୁଛନ୍ତି।

# ପୁରୁଷୋତ୍ତମପୁରରେ ଆମ ପୋଲିସ ସମିତି ବୈଠକ

**ପୁରୁଷୋତ୍ତମପୁର, ୨୫।୯(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା ଆମ ପୋଲିସ ସମିତିର ବୈଠକ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ପୌରୋହିତ୍ୟରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବୁଲାଗୋରୁଙ୍କ ଯୋଗୁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାର ସମାଧାନ, ସ୍ୱଚ୍ଛତା, ପୋଲିସ ଓ ଜନସାଧାରଣଙ୍କ




ବୈଠକରେ ଉପସ୍ଥିତ ଆମ ପୋଲିସ ସମିତି କର୍ମକର୍ତ୍ତା।

ମଧ୍ୟରେ କିଭଳି ସୁସମ୍ପର୍କ ରହିବ, ଛୋଟ ଛୋଟ ବିଶୃଙ୍ଖଳାକୁ ଆମ ପୋଲିସ ସମିତିରେ ସମାଧାନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏନ୍‌ଏସି ନିର୍ବାହୀ ଅଧିକାରୀ ଏ.ନାଗେଶ୍ୱର ରାଓ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ସୁରେନ୍ଦ୍ର ନାଥ ମହାନ୍ତି, ଅବନିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପାଟପୁରରେ ଅହିଂସା ରଥକୁ ସମ୍ବର୍ଦ୍ଧନା

**ପାଟପୁର,୨୫।୯(ଡି.ଏନ.ଏ.):** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବିଶ୍ୱ ଶାନ୍ତି ଓ ପ୍ରଗତି ପାଇଁ ସମଗ୍ର ଜିଲାରେ ପରିକ୍ରମା କରୁଥିବା ଅହିଂସା ସଚେତନତା ରଥ ବୁଧବାର ସାନଖେମୁଣ୍ଡି ବ୍ଲକ ପାଟପୁର ଗାନ୍ଧୀଛକ ନିକଟରେ ପହଞ୍ଚିଥିଲା। ସାନଖେମୁଣ୍ଡି ପୂର୍ବତନ ବିଧାୟିକା ନନ୍ଦିନି ଦେବୀଙ୍କ ନେତୃତ୍ୱରେ ଗ୍ରାମବାସୀ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏରେଣ୍ଡ୍ରା ସରପଞ୍ଚ ପ୍ରତିନିଧି ସହଦେବ ପ୍ରଧାନ, ରାଜ୍ୟ ଓସ୍କାର୍ଡ ବ୍ୟାଙ୍କ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ପୋଡାମାରୀ ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ଘୋଡ଼ାହାଡ ପାଣି ପଞ୍ଚାୟତ ଚକ କମିଟି ଗଠନ

# ଚାଷୀଙ୍କ ମଧ୍ୟରେ ସଂଘଠିତ ବିବାଦର ସମାଧାନ

**ଦିଗପହଣ୍ଡି,୨୫।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଘୋଡ଼ାହାଡ ଡ୍ୟାମ ପାଣି ପଞ୍ଚାୟତ ୨୧ ନଂ. ଚକ କମିଟି ଗଠନକୁ କେନ୍ଦ୍ରକରି ଚାଷୀଙ୍କ ମଧ୍ୟରେ ଥିବା ବିବାଦ ସମାଧାନ କରାଯାଇଛି। ବୁଧବାର ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ ପାଣି ପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଜଳସେଚନ କାର୍ଯ୍ୟାଳୟ ଉପ ନିର୍ବାହୀ ଯନ୍ତ୍ରୀ ତଥା ନିର୍ବାଚନ ଅଧିକାରୀ ଇଂ.ପ୍ରମୋଦ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ସଭାରେ ୧୩ ଚକ କମିଟି ପାଇଁ ଗୋଷ୍ଠୀ (କ) ଓ ଗୋଷ୍ଠୀ (ଖ)ର ୫୦ ଚାଷୀ ସଦସ୍ୟା ସଦସ୍ୟଙ୍କୁ ସର୍ବସମ୍ମତ କ୍ରମେ ଲଟେରୀ ମାଧମରେ ଚୟନ କରାଯାଇଥିଲା। କମିଟିରେ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ଏକ ତୃତୀୟାଂଶ ମହିଳା ଚାଷୀଙ୍କୁ ଚୟନ କରାଯାଇଛି। ପ୍ରକାଶ ଯେ, ଘୋଡ଼ାହାଡ ଶୀର୍ଷ କମିଟି ଅଧିନ ମା' ଦୁଆରସୁଣି ୨୧ ନଂ ପାଣି ପଞ୍ଚାୟତ ଇଲାକାରେ ମଙ୍ଗରାଜପୁର, ନରେନ୍ଦ୍ରପୁର, ରାମଚନ୍ଦ୍ରପୁର, ଲକ୍ଷ୍ମୀ ନାରାୟଣପୁର, ଦକ୍ଷିଣପୁର, ନରସିଂହପୁର ଆଦି ଗାଁର ୩୬୯.୩୪୯ ହେକ୍ଟର ଚାଷ ଜମି ରହିଥିବା ବେଳେ ଏଥିରେ ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ରହିଛନ୍ତି। ସଭାରେ ପାଣି ପଞ୍ଚାୟତ ଶୀର୍ଷ କମିଟି ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ସହକାରୀ ନିର୍ବାଚନ ଅଧିକାରୀ ଇଂ. ସୁଶାନ୍ତ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଇଂ.କ୍ଷୀରୋଦ ବେହେରା, ଦେବରାଜ ଗୌଡ, କର୍ମଚାରୀ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଅନୁମୋଦିତ ନିର୍ଦ୍ଧାରଣର ନକଲ ବ୍ରହ୍ମପୁର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଟିକିଟି ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଗୋଚରାର୍ଥେ ପଠାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।



ସଭାରେ ଉପସ୍ଥିତ ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ବୃନ୍ଦ।

# ପ୍ରହସନ ପାଲଟିଛି ବିଜ୍ଞାନ ଆଲୋଚନାଚକ୍ର

**ଦାରିଙ୍ଗବାଡ଼ି,୨୫।୯(ଡି.ଏନ.ଏ.)**

ଦାରିଙ୍ଗବାଡ଼ିଠାରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ପ୍ରହସନ ପାଲଟିଛି। କେବଳ ଏହି କାର୍ଯ୍ୟକ୍ରମ ନୁହେଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ବହୁ ମେଧାବୀ ଛାତ୍ରୀଛାତ୍ର ଯୋଗ ଦେଇ ପାରୁନାହାନ୍ତି। ବିଇଓଙ୍କ କାର୍ଯ୍ୟାଳୟରୁ ଠିକ ଭାବେ ଖବର ପହଞ୍ଚା ଯାଉ ନ ଥିବାବେଳେ ଯେଉଁସବୁ ପଞ୍ଚାୟତରେ ସିଆର୍‌ସିସି ଏହି ଦାୟିତ୍ୱରେ ରହୁଛନ୍ତି ସେମାନଙ୍କ ଅବହେଳା ଯୋଗୁ ଛାତ୍ରୀଛାତ୍ରଙ୍କୁ ଠିକ ସୂଚନା ମିଳୁନାହିଁ। ବୁଧବାର ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅଧକ୍ଷତାରେ ହୋଇଥିଲା। ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମାତ୍ର ୧୨ଟି ବିଦ୍ୟାଳୟର ୨୧ ଜଣ ଛାତ୍ରୀଛାତ୍ର ଏହି ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଦାରିଙ୍ଗବାଡ଼ି ସହରକୁ ଲାଗିରହିଥିବା ଆଖପାଖ ବିଦ୍ୟାଳୟର ଛାତ୍ରୀଛାତ୍ର ହିଁ ଏଥିରେ ଭାଗ ନେଇଥିଲେ। ଦୁର୍ଗମ କାଟିଙ୍ଗିଆ,



୨୧ ଛାତ୍ରୀଛାତ୍ରଙ୍କୁ ନେଇ ବିଜ୍ଞାନ ଆଲୋଚନାଚକ୍ର ଚାଲିଛି।

ଝିଞ୍ଜିରିଗୁଡ଼ା, କୁମ୍ଭାରିଗାଁ, ବ୍ରାହ୍ମଣୀଗାଁ, ହାତିମୁଣ୍ଡା, ତାଜୁଙ୍ଗିଆ, ସରାମୁଳି, ବୁଡାଗୁଡ଼ା, ଗୁମିକିଆରେ ଥିବା ପ୍ରାୟ ୧୨୦ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଛନ୍ତି। ଧର୍ମକୁ ଆଖିଠାର ଭଳି ବିଇଓ କାର୍ଯ୍ୟାଳୟ ଜିଲା ପ୍ରଶାସନର ନିର୍ଦ୍ଦେଶ ପାଳନ କରିବାକୁ ହାତଗଣତି ବିଦ୍ୟାଳୟକୁ ସାମିଲ କରି କାମ ସାରିଦେଉଛନ୍ତି। ଏଥିସହ ଆସନ୍ତା ୨ରେ ୧୫୦ତମ ଗାନ୍ଧୀଜୟନ୍ତୀ ଅବସରରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର କରାଯାଇଥିଲା। ସେଥିରେ ମଧ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ଯୋଗ ଦେଇପାରି ନ ଥିଲେ। ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତ କହିଛନ୍ତି ଯେ, ପୂର୍ବାପେକ୍ଷା ଚଳିତବର୍ଷ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶିକ୍ଷକଙ୍କ ଅବହେଳା ସହ ଇଚ୍ଛାଶକ୍ତିର ଅଭାବ ଓ ଦୂରଦୁରାନ୍ତରୁ ଛାତ୍ରୀଛାତ୍ର ଖର୍ଚ୍ଚାନ୍ତ ହୋଇ ଆସୁ ନ ଥିବା ସେ କହିଛନ୍ତି। ଆଗାମୀଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ଏଥିପ୍ରତି ଦୃଷ୍ଟିଦେବେ ବୋଲି ସେ କହିଥିଲେ। ବୁଧବାର ଏହି ଆଲୋଚନାଚକ୍ରରେ ବିଇଓ ରାଉତଙ୍କ ସମେତ ଏବିଇଓ ଦାଶରଥି ମହାରଣା, ସିଆରସିସି ଶ୍ୟାମସୁନ୍ଦର ଦିଗାଳ, ଭ୍ରମରବାଡ଼ି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ବବିତାରାଣୀ ସେଠୀ, ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ଜ୍ୟୋତିବାଳା ଶତପଥୀ, ସିଆରସିସି ରଜତ ସିଂ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ 'ରାସାୟନିକ ମୌଳିକର ପର୍ଯ୍ୟାୟ ସାରଣୀ ମାନବ କଲ୍ୟାଣରେ ଏହାର ପ୍ରଭାବ' ସମ୍ପର୍କିତ ଆଲୋଚନା କରାଯାଇଥିଲା। ଜଣେ କୃତୀ ଛାତ୍ରୀ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ସେପ୍ଟେମ୍ବର ୨୬/୨୦୧୯ Berhampur, Thursday, September 26/ 2019


## ସଂକ୍ଷେପରେ

### ରାସ୍ତା, ନାଳ ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର

କୁକୁଡ଼ାଖଣ୍ଡି,୨୫।୯(ଡି.ଏନ.ଏ.)-କୁକୁଡ଼ାଖଣ୍ଡି ବ୍ଲକ ଲୋଚାପଡ଼ା ପଞ୍ଚାୟତ ରାମକୃଷ୍ଣ ନଗର ବାସିନ୍ଦା ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ବୁଧବାର ଆସିଥିଲେ । ସମସ୍ତେ ମିଳିତ ଭାବେ ନିଜ ଅଞ୍ଚଳର ରାସ୍ତା ଓ ନାଳ ନିର୍ମାଣ ପାଇଁ ଏକ ଲିଖିତ ଦାବିପତ୍ର ବିଡିଓ ଗଦାଧର ପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ପ୍ରକାରେ, ରାମକୃଷ୍ଣ ନଗରରେ ବହୁ ବର୍ଷ ଧରି ୫ଠରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେଠାରେ ଡ୍ରେନେଜର ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଅପରିଷ୍କାର ପାଣି ରାସ୍ତା ମଝିରେ ଭାସୁଛି। ଫଳରେ ଗମନାଗମନ ରାସ୍ତା ଖାଲ ଢିପ ହୋଇ ଅତି କଦର୍ଯ୍ୟ ହୋଇପଡ଼ିଛି। ବାଧହୋଇ ଲୋକେ ନିକଟବର୍ତ୍ତୀ ଅନ୍ୟ ଏକ ରାସ୍ତା ଦେଇ ନିଜ ଘରକୁ ଯିବା ଆସିବା କରୁଛନ୍ତି। ଖାଲ ଢିପ ହେତୁ ପାଣି ଜମି ରହୁଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯିବା ଆସିବା ସମୟରେ ଏହି ରାସ୍ତାରେ ଅସୁବିଧା ହେଉଛି । ତେଣୁ ଏଠାରେ ତୁରନ୍ତ ରାସ୍ତା ଓ ନାଳ ନିର୍ମାଣ କରିବା ପାଇଁ ବିଡିଓଙ୍କୁ ଦାବିପତ୍ର ଦେବା ସହ ଅନୁରୋଧ କରିଛନ୍ତି। ଏ ନେଇ ବିଡିଓ କହିଛନ୍ତି ବ୍ଲକର କନିଷ୍ଠ ଏବଂ ସହକାରୀ ଯନ୍ତ୍ରୀଙ୍କୁ ସେହି ସ୍ଥାନକୁ ପଠାଇ ପର୍ଯ୍ୟବେକ୍ଷଣ କରାଇବେ। ରିପୋର୍ଟ ଅନୁଯାୟୀ ପଞ୍ଚାୟତ ପକ୍ଷରୁ ଅର୍ଥ ବିନିଯୋଗ କରାଯାଇ ରାସ୍ତା ଓ ନାଳ ନିର୍ମାଣ କରିବା ସହ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଉଦ୍ୟମ କରାଯିବ।

### ଅତିରିକ୍ତ ଜିଲାପାଳଙ୍କୁ ଭେଟିଲା ଓକିଲ ସଂଘ

ଆସିକା,୨୫।୯(ଡି.ଏନ୍.ଏ.)- ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ବୁଧବାର ଆସିକା ତହସିଲ୍ ଓ ସବ୍‌ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଭାରପ୍ରାପ୍ତ ତହସିଲଦାର୍ ଓ ସବ୍‌ରେଜିଷ୍ଟ୍ରାର୍ ଆଶୁତୋଷ ଗୌରବକରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅପରାହ୍ନରେ ଓକିଲ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା। ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କୁ ମିଶି ଓକିଲମାନେ ଆସିକା ସହରର ଦୀର୍ଘଦିନ ଧରି ଘରବାରି କିଣାବିକା କାର୍ଯ୍ୟର ରେଜିଷ୍ଟ୍ରି ହୋଇପାରୁନଥିବା ଅବଗତ କରିଥିଲେ। ଆସିକା ସହରାଞ୍ଚଳର ବନ୍ଦୋବସ୍ତ ହୋଇପାରି ନ ଥିବାରୁ ୨୦୧୨ ରୁ ଏହି କାର୍ଯ୍ୟ ହୋଇପାରୁନାହିଁ ବୋଲି ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ ଅତିରିକ୍ତି ଜିଲାପାଳ ଇନିସ୍‌ପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ସହ ଯୋଗସୂତ୍ର ସ୍ଥାପନ ପୂର୍ବକ ସପ୍ତାହେ ମଧ୍ୟରେ ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ଓକିଲ ସଂଘ ସଭାପତି ସରୋଜ କୁମାର ତ୍ରିପାଠୀ, ସମ୍ପାଦକ ଛବିଳରାମ ମିଶ୍ର, ପୂର୍ବତନ ସଭାପତି ଭାସ୍କର ସ୍ୱାଇଁ, ସୁରେନ୍ଦ୍ରନାଥ ପଣ୍ଡା, ଅଜିତ୍ ଚୌଧୁରୀ, କୁମୁଦବନ୍ଧୁ ବିଷୋୟୀ, ଶିବଶଙ୍କର ପାତ୍ର, ନାରାୟଣ ମୁନିଙ୍କ ସମେତ ବହୁ ଆଇନଜୀବି ସାମିଲ୍ ଥିଲେ।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା

ବେଗୁନିଆପଡ଼ା,୨୫।୯(ଡି.ଏନ.ଏ.)-ଦୁଇ ଦିନ ଧରି ଲଗାଣ ବର୍ଷାରେ ବେଗୁନିଆପଡ଼ା ବ୍ଲକ କେ.ବରିଡ଼ା ଗ୍ରାମର ବାବୁଲା ପ୍ରଧାନଙ୍କ ଘର ଭୁଶୁଡ଼ି ପଡ଼ିଛି। ଚାଳ ଛପର ଘରଟି ଭାଙ୍ଗିଯିବା ଫଳରେ ତାଙ୍କ ପରିବାରକୁ ରହିବା ପାଇଁ ଅସୁବିଧା ହେଉଛି। ସେ ଜଣେ ଗାଡି ଡ୍ରାଇଭର ହୋଇଥିବା ଯୋଗୁ ତାଙ୍କୁ ସରକାରୀ ସହାୟତା ପାଇଁ ଅନୁରୋଧ କରାଯାଇଛି।

## ଛତ୍ରପୁର ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲା

# ହାଜର ହେଲେନି ସୁରବାବା, ୧ରେ ଶୁଣାଣି

**ଛତ୍ରପୁର,୨୫।୯(ଡି.ଏନ.ଏ.)**

ଛତ୍ରପୁର ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲାରେ ବୁଧବାର ସ୍ଥାନୀୟ ଏସଡିଜେମ୍ କୋର୍ଟରେ ଚାର୍ଜଫ୍ରେମ ହୋଇପାରିନି। ମାମଲାର ଅଭିଯୁକ୍ତ ତଥା ତ୍ରାହି ଅଚ୍ୟୁତ ଆଶ୍ରମର ମୁଖ୍ୟ ସୁରେନ୍ଦ୍ରନାଥ ମିଶ୍ର (ସୁରବାବା) ହାଜର ନ ହେବା ଏବଂ ଆପୋସ ବୁଝାମଣା ପିଟିଶନ ଦାଖଲ କରାଯାଇଥିବା କାରଣରୁ ଚାର୍ଜଫ୍ରେମ ହୋଇପାରିନି। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ସୁରବାବାଙ୍କ ପୁଅ ତ୍ରିଲୋଚନ ମିଶ୍ର ବୁଧବାର କୋର୍ଟରେ ହାଜର ହୋଇ ଥିଲେ । ଆସନ୍ତା ୧ ତାରିଖରେ ଏହା ଉପରେ ଶୁଣାଣି ପାଇଁ ଏସ୍‌ଡିଜେଏମ୍ ସନ୍ତୋଷ କୁମାର ପାଣିଗ୍ରାହୀ ଦିନ ଧାର୍ଯ୍ୟ କରିଛନ୍ତି। ଅଭିଯୁକ୍ତ ବାପ, ପୁଅ ଏବଂ ଅଭିଯୋଗକାରୀ ତଥା ବ୍ରହ୍ମପୁର ଧର୍ମନଗର ସାହି ନିବାସୀ ମୋଚିରାମ ସାହୁଙ୍କ ପକ୍ଷରୁ ଏକ ଆପୋସ ବୁଝାମଣା ପିଟିଶନ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ ହୋଇଥିଲା। ମାମଲାର ପରିଚାଳନା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏ ପର୍ଯ୍ୟନ୍ତ ପିପି କିମ୍ବା ଏପିପିଙ୍କୁ ଦାୟିତ୍ୱ ଦିଆଯାଇନି। ଏ ସମ୍ପର୍କରେ ଜଣାଇବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟ କହିଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଇନ୍ସପେକ୍ଟର ସରୋଜ ମହନ୍ତ କୋର୍ଟରେ ଉପସ୍ଥିତ ଥିଲେ । ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଏବଂ ପ୍ରତିପକ୍ଷ ପକ୍ଷରୁ ଓକିଲ କେ. ଶିବିରାମ ରେଡ୍ଡୀ ମାମଲା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଛତ୍ରପୁର ତହସିଲ ଅନ୍ତର୍ଗତ କଣମଣା ପଞ୍ଚାୟତ ଜୟଦୁର୍ଗା ନଗରରେ ଥିବା ଜମିକୁ ହଡ଼ପ କରି ସୁରବାବା ଓ ଅନ୍ୟମାନେ ତ୍ରାହି ଅଚ୍ୟୁତ ଆଶ୍ରମର ଏକ ଶାଖା ଖୋଲିଥିବା ପୂର୍ବରୁ ଜମିର ମାଲିକ ଥିବା ମୋଚିରାମ ଅଭିଯୋଗ କରିଥିଲେ । ଏ ନେଇ ସେ ୨୦୧୫ ଅଗଷ୍ଟ ୩ ତାରିଖରେ ଛତ୍ରପୁର ଥାନାରେ ସୁରବାବା, ତାଙ୍କ ପୁଅ ତ୍ରିଲୋଚନଙ୍କ ସମେତ ୩ ଜଣଙ୍କ ନାଁରେ ଏତଲା ଦେଇଥିଲେ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା । ଅନ୍ୟ ଏକ ମାମଲାରେ ସୁରବାବା ଓ ତାଙ୍କ ପୁଅ ସେତେବେଳେ ଗିରଫ ହୋଇ ଝାରପଡା ଜେଲରେ ଥିଲେ । ୨୦୧୫ ଅଗଷ୍ଟ ୨୪ରେ ବାପ, ପୁଅଙ୍କୁ ଛତ୍ରପୁର ଆଶ୍ରମ ଜମି ଜାଲିଆତି ମାମଲାରେ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ହାଜର କରାଯାଇଥିଲା । ପରେ ଉଭୟଙ୍କୁ ଛତ୍ରପୁର ସବ୍‌ଜେଲ୍‌କୁ ପଠାଯାଇଥିଲା। ସପ୍ତାହକ ପରେ ପୁଣି ସେମାନେ ଝାରପଡା ଜେଲକୁ ଯାଇଥିଲେ । ଗତବର୍ଷ ସୁରବାବା ଓ ତାଙ୍କ ପୁଅ ଜାମିନରେ ମୁକୁଳିଛନ୍ତି।

## ମହିଳାଙ୍କୁ ନିର୍ଯାତନା, ବଳାତ୍କାର ଅଭିଯୋଗ

# ସ୍ୱାମୀ, ଦିଅର ଗଲେ ଜେଲ

**ଜଗନ୍ନାଥପ୍ରସାଦ,୨୫।୯(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ନିର୍ଯାତନା ଓ ବଳାତ୍କାର ଅଭିଯୋଗରେ ମଙ୍ଗଳବାର ପୋଲିସ ସ୍ୱାମୀ, ଦିଅରଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଦିଅର ହେଲେ ବାପୁଜୀ ବେହେରା ଓ ସ୍ୱାମୀ ସୂର୍ଯ୍ୟ ନାରାୟଣ ବେହେରା। ମହିଳାଙ୍କ ଏତାଲା ପ୍ରକାରେ, ୨ ବର୍ଷ ପୂର୍ବେ ସୂର୍ଯ୍ୟଙ୍କୁ ଦାବି ମୁତାବକ ଯୌତୁକ ଦିଆଯିବାପରେ ବୈଦିକ ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଥିଲେ। ବିବାହର ୬ ମାସ ପରେ ସ୍ୱାମୀ ଓ ପରିବାର ଲୋକେ ମିଶି ଅଧିକ ଯୌତୁକ ଦାବି କରି ମହିଳାଙ୍କୁ ନିର୍ଯାତନା ଦେଉଥିଲେ। ଏ ନେଇ ଗତ ମାର୍ଚ୍ଚ ୨୩ ତାରିଖରେ ମହିଳା ଜଣକ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପରେ ଉଭୟ ପରିବାର ମଧ୍ୟରେ ସମାଧାନ ହୋଇଥିଲା। ପୁଣି ସେପ୍ଟେମ୍ବର ୨୦ ତାରିଖରେ ଉକ୍ତ ମହିଳା ରାତିରେ ଏକୁଟିଆ ଶୋଇଥିବା ବେଳେ ଦିଅର ବାପୁଜୀ ଜବରଦସ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାମୀଙ୍କୁ ଯୌତୁକ ମାମଲା ଓ ଦିଅରଙ୍କୁ ବଳାତ୍କାର ମାମଲାରେ ଗିରଫ କରିଥିଲା।

# ଜମିରୁ ନିଷ୍କାସିତ ହୋଇପାରୁନି ବର୍ଷାପାଣି



ଜଳମଗ୍ନ ହୋଇଥିବା ଚାଷଜମି ।

**ଗଞ୍ଜାମ,୨୫।୯(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଅଞ୍ଚଳରେ ଗତ ୩ଦିନ ଧରି ଲଗାଣ ବର୍ଷା ଯୋଗୁ ବହୁ ଚାଷଜମି ଜଳମଗ୍ନ ହୋଇଛି । ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଏବଂ କାଇଁଚପୁର ପଞ୍ଚାୟତ ଝାଡ଼କୁଦା ଗ୍ରାମର ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ଜାତୀୟ ରାଜପଥ କଲଭର୍ଟ ବନ୍ଦ କରି ଦିଆଯାଇଥିବାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ଏହି କାରଣରୁ ଉପରୋକ୍ତ ଗ୍ରାମବାସୀ ସମସ୍ୟା ଭୋଗୁଥିବା ବେଳେ ଚାଷଜମିରେ ପାଣି ଭର୍ତ୍ତି ହୋଇ ରହିଛି। ପାଣି ଦୀର୍ଘଦିନ ଧରି ଜମି ରହିଲେ ଫସଲ ନଷ୍ଟ ହେବା ସମ୍ଭାବନା ରହିଛି ବୋଲି କାଇଁଚପୁରର ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ କହିଛନ୍ତି । ଅନ୍ୟପଟେ କେଉଁ ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ରାଜପଥ ପାର୍ଶ୍ୱ ଜମି କିଣିଥିବା ମାଲିକଙ୍କୁ ପାଣି ନିଷ୍କାସିତ ହେବା ପାଇଁ ଜାଗା ନ ରଖି ପଟ୍ଟା ପ୍ରଦାନ କରାଯାଇଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ପ୍ରଶ୍ନ କରିଛନ୍ତି । ତୁରନ୍ତ ଏହାର ସମାଧାନ ନ ହେଲେ ଆନ୍ଦୋଳନ ଦାନା ବାନ୍ଧିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଲଗାଣ ବର୍ଷାରେ ବୁଡ଼ିଛି ଧାନ ଫସଲ

# ବ୍ୟାଙ୍କ କଲୋନୀରେ ଜମିଛି ପାଣି



ନୋଳିଆନୂଆଗାଁ ଓଡିଆରପି କଲୋନୀ।

**ଛତ୍ରପୁର,୨୫।୯(ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ଛତ୍ରପୁର ବ୍ଲକର ବିଭିନ୍ନ ଗାଁରେ ଧାନ ଫସଲ ବୁଡ଼ିଯାଇଛି । ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ବିଭିନ୍ନ ଗାଁ ଓ କଲୋନୀରେ ଜମି ରହିଛି । ଫଳରେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ବ୍ଲକର ଅଗସ୍ତିନୂଆଗାଁ ପଞ୍ଚାୟତ ଅଧୀନ ନୋଳିଆନୂଆଗାଁ ଓ ଆର୍ଯ୍ୟପଲ୍ଲୀ ଓଡିଆରପି କଲୋନୀ ମଧ୍ୟରେ ବର୍ଷା ପାଣି ଜମି ରହିଛି। ୨୦୧୩ରେ ଫାଇଲିନ୍ ବାତ୍ୟାରେ ବହୁ କଚ୍ଚାଘର ଭାଙ୍ଗି ଯାଇ ଥିଲା । ଯେଉଁ ଲୋକଙ୍କ କଚ୍ଚାଘର ଥଲା ସେମାନଙ୍କ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟରେ ଓଡିଆର୍‌ପି ଘର ନିର୍ମାଣ କରାଯାଇଥିଲା । ଓଡିଆର୍‌ପି କଲୋନୀରେ ରାସ୍ତା, ଡ୍ରେନ୍ ଆଦି ସୁବିଧା କରାଯାଇଥିଲା । ମାତ୍ର ବର୍ଷା ପାଣି ନିଷ୍କାସିତ ହୋଇପାରି ଉକ୍ତ ୨ କଲୋନୀରେ ପାଣି ଜମି ରହିଥିବା ଦେଖିବାକୁ ମିଳିଛି । ସେହିପରି ଛତ୍ରପୁର ବ୍ୟାଙ୍କ କଲୋନୀ ରାସ୍ତାରେ ମଧ୍ୟ ପାଣି ଜମି ରହିଥିବାରୁ ଲୋକଙ୍କ ଯାତାୟତରେ ଅସୁବିଧା ହେଉଛି । ପୋଡାପଦର ପଞ୍ଚାୟତ କୁମାରବେଗପଲ୍ଲୀ ଗାଁର ପୋଖରୀର ହୁଡା ଭାଙ୍ଗିଛି।। ଛତ୍ରପୁର ଏନଏସିରେ ଥିବା ଡ୍ରେନ୍‌ର ମଇଳା ରାସ୍ତା ଉପରକୁ ଚାଲି ଆସିଛି ।

## ବିସ୍ଥାପିତ ଆଦିବାସୀଙ୍କ ବୈଠକ

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ପାତ୍ରପୁର,୨୫।୯(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକରେ ବାଘଲଟି ପ୍ରକଳ୍ପ ନିର୍ମାଣ ପରେ ମଧ୍ୟ ବୁଡ଼ି ଅଞ୍ଚଳ ଆଦିବାସୀଙ୍କ ସମସ୍ୟାର ସମାଧାନ ହେଉନାହିଁ। ବାଘଲଟି ନିର୍ମାଣ ପୂର୍ବରୁ ବେଙ୍ଗେଇସାହି, ସିନ୍ଦୁରପୁର, ଦ୍ୱିତୀୟାସାହି, କରାବାଙ୍କି, ଢ଼ିଅପଡ଼ା, ଗମ୍ଭାରୀଖୋଲ ଆଦି ଗ୍ରାମକୁ ଥଇଥାନ କରାଯାଇଥିଲା। କିନ୍ତୁ ସେମାନଙ୍କୁ କେଉଁ ସ୍ଥାନ ଦିଆଯାଇଛି ତାହାର କିଛି କାଗଜପତ୍ର ମିଳିନାହିଁ। ଏଥିସହ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ଥିବାରୁ ଏହି ଆଠ ଖଣ୍ଡର ଆଦିବାସୀ ମାନେ ଆଙ୍କୁଲି, ଡୁରୁବୁଡ଼ି, ମନ୍ଦରଡ଼ା, ଖାରିଆଗୁଡ଼ା, ସୁରଙ୍ଗି ଆଦି ୫ ପଞ୍ଚାୟତର ଆଦିବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଏ ନେଇ ବାଘଲଟି ବାରଡ଼ାଙ୍ଗୁଆ ଛକ ସ୍ଥିତ ସାତଭଉଣୀ ମନ୍ଦିର ପରିସରରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିସ୍ଥାପିତ ଅଞ୍ଚଳର ସଭାପତି ଶ୍ୟାମଘନ ଶବରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଲକ୍ଷ୍ମୀକାନ୍ତ ବିଷୋୟୀ, ଶିବରାମ ପ୍ରଧାନ ପ୍ରମୁଖ ଏ ନେଇ ଆଲୋଚନା କରିଥିଲେ। ଆଦିବାସୀଙ୍କୁ ଜମିପଟ୍ଟା, ତିତ୍‌ଲି କ୍ଷୟକ୍ଷତି ଟଙ୍କା, ବାଘଲଟି ନିର୍ମାଣ ପରେ ଯୁବତୀ ଯୁବକଙ୍କୁ ଥଇଥାନ ଓ ଏଲଗଲ ଓ ଶିରିଶିଗଣ୍ଡ ଗ୍ରାମର ଆଦିବାସୀଙ୍କୁ ଶୀଘ୍ର ଥଇଥାନ କରିବା ଆଦି ୧୫ ଦଫା ଦାବି ଉତ୍ଥାପନ କରାଯାଇଛି। ଏ ନେଇ ଆଦିବାସୀମାନେ ମେଳି ବାନ୍ଧିଥିବା ବେଳେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ରାଜରାସ୍ଥାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ବ୍ଲକର ବିଭିନ୍ନ ଗ୍ରାମର ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ମୋବାଇଲ ଦୋକାନରୁ ଚୋରି

**ଗୋପାଳପୁର,୨୫।୯**

ଗୋପାଳପୁର ଥାନା ଆମ୍ବପୁଆ ବୀମା ନଗରସ୍ଥିତ ମୋବାଇଲ ଦୋକାନରୁ ମଙ୍ଗଳବାର ମଧ୍ୟରାତିରେ ଦୁର୍ବୃତ୍ତମାନେ କଳା କନା ବୁଲେଇଛନ୍ତି। ଆମ୍ବପୁଆ ବୀମାନଗରରେ ବିଜୟ କୁମାର ସାହୁ ମୋବାଇଲ ଦୋକାନ କରିଛନ୍ତି। ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମଧ୍ୟରାତିରେ ଦୁର୍ବୃତ୍ତ ମାନେ ଦୋକାନ ପଛ କାନ୍ଥକୁ ଭାଙ୍ଗି ଦୋକାନରେ ପଶି ୮ ଛୋଟ ମୋବାଇଲ ଓ ୮ ବଡ , ୬ ଆଣ୍ଡ୍ରଏଡ୍ ମୋବାଇଲ, ପେନଡ୍ରାଇଭ, ପାୱାରବ୍ୟାଙ୍କ ଓ ଅନ୍ୟ ସାମଗ୍ରିକୁ ଚୋରି କରି ଚମ୍ପଟ ମାରିଛନ୍ତି। ବୁଧବାର ସକାଳେ ବିଜୟ ଦୋକାନ ଖୋଲି ଦେଖିବା ବେଳକୁ ଚୋରି ହୋଇଥିବା ଜାଣିଥିଲେ। ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବିଜୟଙ୍କ ଅଭିଯୋଗ କ୍ରମେ ନଂ. ୧୦୯/୧୯ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।






## ସିରିଜ୍ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

# ୪ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା

**ଶଙ୍କରାଖୋଲ,୨୫।୯(ଡି.ଏନ୍.ଏ.)**

ଚକାପାଦ ଥାନା ଅଞ୍ଚଳରେ ଷ୍ଟେଟ୍‌ବ୍ୟାଙ୍କ, ମିନିବ୍ୟାଙ୍କ, ମୋବାଇଲ ଓ ଡ୍ରେସ୍ ଦୋକାନ ଆଦିରୁ ଚୋରି ଅଭିଯୋଗରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି । ସେ ହେଲେ ଉକ୍ତ ଥାନା ଘୁଡୁକାପଦର ଗାଁର ଦୀନବନ୍ଧୁ ପଣ୍ଡା (୨୦)। ଏଥିରେ ସମ୍ପୃକ୍ତ ଥିବା ୪ ନାବାଳକଙ୍କୁ ଫୁଲବାଣୀ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ପାଖରେ ହାଜର କରାଯିବା ପରେ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଯାଇଛି । ସେମାନଙ୍କ ନିକଟରୁ ୪୦ ହଜାର ଟଙ୍କା, ଗୋଟିଏ ମନିଟର, ହେଡଫୋନ୍, ଟିଶାର୍ଟ ଓ ଜିନ୍ସପ୍ୟାଣ୍ଟ ୨୦ଟି, ଚପଲ, ଜୋତା, ତେଲ, ସାବୁନ ଆଦି ଜବତ ହୋଇଥିବା ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନାଧିକାରୀ ତପନ ତରୁଣ ବେହେରା କହିଛନ୍ତି ।

ପ୍ରକାଶ ଯେ, ଗତ ଜୁନ୍ ୨ ତାରିଖରେ ମିନିବ୍ୟାଙ୍କରୁ ୧ ଲକ୍ଷ ୩୫ ହଜାର ଟଙ୍କା ଚୋରି ହୋଇଥିଲା । ସେହିମାସ ୩୦ରେ ଷ୍ଟେଟ୍‌ବ୍ୟାଙ୍କରୁ ମନିଟର ସହ ୬ ହଜାର ଟଙ୍କା ଚୋରି ହୋଇଥିବା ନେଇ ବ୍ୟାଙ୍କ କର୍ମଚାରୀ ଅଭିଯୋଗ କରିଥିଲେ।

ଏ ନେଇ ଚକାପାଦ ପୋଲିସ ନଂ. ୨୩/୧୯ ଓ ୩୩/୧୯ରେ ମାମଲା ରୁଜୁ କରିଥିଲା। ସେହିପରି ଗତ ୧୫ ତାରିଖ ରାତିରେ ଡ୍ରେସ ଦୋକାନରୁ ଚୋରି ହୋଇଥିବା ବେଳେ ୨୦ରେ ଗ୍ରୋସୋରି ଓ ମୋବାଇଲ ଦୋକାନରୁ ଚୋରି ହୋଇଥିଲା। ପ୍ରଶାନ୍ତ ପଟ୍ଟନାୟକ ଓ ଅଭିମନ୍ୟୁ ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ଚକାପାଦ ପୋଲିସ ନଂ. ୫୦/୧୯, ୫୧/୧୯ରେ ମାମଲା ରୁଜୁ କରିଥିଲା। ପରେ ପୋଲିସ ୪ଟି ମାମଲାର ତଦନ୍ତ ଚଳାଇଥିଲା। ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା କରିବା ବେଳେ ନାବାଳକ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ନାବାଳକ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ମୋବାଇଲ ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ।





| BALASORE | BHUBANESWAR | CUTTACK | JEYPORE | ROURKELA | ANGUL |
|---|---|---|---|---|---|
| JYOTE MOTORS PVT. LTD. | JYOTE MOTORS PVT. LTD. | NARAYANI MOTORS PVT. LTD. | LEGEND CARS PVT. LTD. | ORBIT MOTORS PVT. LTD. | ODYSSEY MOTORS PVT. LTD. |
| Januganj, Remuna, Balasore | Near Sai Temple, Cuttack Puri By Pass Road | Nirgundi, Tangi, Cuttack | Near Old TATA Showroom, Jeypore | Near Pahadi Bar, Besides Bharat Petrol Pump, Vedvyas | Near Cineplex, NH 55, Kandasar, Angul |
| Ph: 8338033992 | Ph: 8338033990 | Ph: 8338033999 | Ph: 7894442915 | Ph: 9437007440 | Ph: 6370702436 |

*Terms and conditions apply. Pictures used are for creative visualization. Car colour and accessories shown may vary from the actual product. ^Offer includes consumer offer, exchange bonus and corporate offer (wherever applicable) on Super Carry Diesel.



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ